## ରମାଦେବୀଙ୍କ ଜୟନ୍ତୀ ପାଳିତ

କଟକ ଅଫିସ, ୩।୧୨- ସାମାଜିକ ଅନୁଷ୍ଠାନ ସମୀଚୀନ ପକ୍ଷରୁ ସ୍ୱାଧୀନତା ସଂଗ୍ରାମୀ ରମାଦେବୀଙ୍କ ଜୟନ୍ତୀ ଗୁରୁବାର ପାଳିତ ହୋଇଯାଇଛି। ମର୍କତନଗରସ୍ଥିତ ଅନୁଷ୍ଠାନର କାର୍ଯ୍ୟାଳୟରେ ଅନ୍‌ଲାଇନ୍ ଯୋଗେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଡା. ରବି ରଞ୍ଜନ ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ଏଥିରେ ସାମାଜିକ କର୍ମୀ ଗୋବିନ୍ଦ ଦାସ ଅଧ୍ୟକ୍ଷତା କରିଥିବାବେଳେ ଅନ୍ୟତମ ଅତିଥି ଭାବେ ଡ. ପରିଣୀତା ଦାସ, ପବିତ୍ର ମହାନ୍ତି, ରାମଚନ୍ଦ୍ର ଦାସ, ସଞ୍ଜୁକ୍ତା ବେହେରା ଯୋଗଦେଇଥିଲେ। ମିନତି ଜେନା ଧନ୍ୟବାଦ ଦେଇଥିଲେ।

## ସଂକ୍ଷେପରେ

### କଂଗ୍ରେସ ଆଇନ ବିଭାଗ ଟିମ୍ ଘୋଷିତ

ଭୁବନେଶ୍ୱର, ୩।୧୨(ବ୍ୟୁରୋ): ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ଆଇନ ବିଭାଗ ଅଧ୍ୟକ୍ଷ ଭାବେ ବରିଷ୍ଠ ଆଇନଜୀବୀ ସୁରେନ୍ଦ୍ରନାଥ କର ଦାୟିତ୍ୱ ଗ୍ରହଣ କରିଛନ୍ତି। ଦଳର ୩୩ ସାଙ୍ଗଠନିକ ଜିଲା ଲାଗି ଆବାହକ ଏବଂ ଅଧ୍ୟକ୍ଷମାନଙ୍କ ନାମ ତାଲିକା ଘୋଷଣା କରାଯାଇଛି। ଅନୁଗୋଳ ଜିଲା ଅଧ୍ୟକ୍ଷ ଭାବେ ଧର୍ମେନ୍ଦ୍ରନାଥ ମିଶ୍ର, ବୌଦ୍ଧ ପାଇଁ ବିଶ୍ୱଜିତ ମିଶ୍ର, ବାଲେଶ୍ୱର ଲାଗି ସତ୍ୟସୁନ୍ଦର ଦାସ, ଭୁବନେଶ୍ୱର ଲାଗି ମନୋଜ ନାୟକ ଏବଂ ବରଗଡ଼ ଲାଗି ପଞ୍ଚାନନ ମିଶ୍ର ଦାୟିତ୍ୱ ନେଇଛନ୍ତି। ସେହିପରି ଅନ୍ୟ ଜିଲାଗୁଡ଼ିକ ପାଇଁ ଅଧ୍ୟକ୍ଷମାନଙ୍କୁ ମଧ୍ୟ ନିଯୁକ୍ତି ଦିଆଯାଇଛି।

### ଉନ୍ନୟନ ପରିଷଦର ନୂତନ କର୍ମକର୍ତ୍ତା

ଚୌଦ୍ୱାର,୩।୧୨(ଡି.ଏନ୍.ଏ.)- ଚୌଦ୍ୱାର ପୌରପାଳିକା ୧୦ନଂ. ୱାର୍ଡ ସଂଲଗ୍ନ ଲେବରଟେନାମେଣ୍ଟ ଉନ୍ନୟନ ପରିଷଦର ନୂତନ କର୍ମକର୍ତ୍ତା ଚୟନ ବୁଧବାର ଅନୁଷ୍ଠିତ ହୋଇଯାଇଛି। ପରିଷଦର କାର୍ଯ୍ୟକାରୀ ସଭାପତି ଶୁଭେନ୍ଦୁ ସାମଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ମୁଖ୍ୟଅତିଥି ଭାବେ ପୂର୍ବତନ ବିଧାୟକ ପ୍ରଭାତ ରଞ୍ଜନ ବିଶ୍ୱାଳ ଓ ଅନ୍ୟଅତିଥି ଭାବେ ପୂର୍ବତନ ନଗରପାଳ ପ୍ରେମଚାନ୍ଦ ନାୟକ ଯୋଗଦେଇଥିଲେ। କ୍ଲବ ପ୍ରତିନିଧି ଓ ସଦସ୍ୟଙ୍କ ନିଷ୍ପତ୍ତିକ୍ରମେ ଆଗାମୀ ୩ବର୍ଷ ପାଇଁ କର୍ମକର୍ତ୍ତା ଚୟନ କରାଯାଇଥିଲା । ସଭାପତି ଭାବେ ଅଲେଖ କୁମାର ପୃଷ୍ଟି, କାର୍ଯ୍ୟକାରୀ ସଭାପତି ଶୁଭେନ୍ଦୁ ସାମଲ, ଉପସଭାପତି ରମେଶ ଚନ୍ଦ୍ର ଭୂୟାଁ, ସମ୍ପାଦକ ବିଚିତ୍ରା ନନ୍ଦ ଖଟୋଇ, ଯୁଗ୍ମ ସମ୍ପାଦକ ବିଜୟ କୁମାର ମଲ୍ଲିକ, ସହ ସମ୍ପାଦକ ପ୍ରଦୀପ କୁମାର ପ୍ରଧାନ, କୋଷାଧ୍ୟକ୍ଷ ଗୌରାଙ୍ଗ ଚନ୍ଦ୍ର ଦାସ ଓ କାର୍ଯ୍ୟକାରୀ ସଦସ୍ୟ ଭାବେ ୧୪ଜଣଙ୍କୁ ମନୋନୀତ କରାଯାଇଥିଲା। ଏଥିସହ ଲେବରଟେନାମେଣ୍ଟ କଲୋନୀର ୩୧ଟି ବ୍ଲକ ପାଇଁ ପ୍ରତିନିଧି ଚୟନ କରାଯାଇଥିଲା। ଶେଷରେ କଲୋନୀବାସୀଙ୍କ ଅନୁରୋଧ ରକ୍ଷାକରି ଆଗାମୀ କିଛିମାସ ମଧ୍ୟରେ କଲୋନୀର ବହୁ ପ୍ରତୀକ୍ଷିତ କ୍ୱାର୍ଟରଗୁଡିକର ପଟ୍ଟା ସମସ୍ତ ହିତାଧିକାରୀଙ୍କୁ ସରକାରୀ ଚୟନ ପ୍ରକ୍ରିୟା ଅନୁଯାୟୀ ବଣ୍ଟନ କରାଯିବ ବୋଲି ପୂର୍ବତନ ବିଧାୟକ ବିଶ୍ୱାଳ ଘୋଷଣା କରିଥିଲେ। ବିଜୟ କୁମାର ମଲ୍ଲିକ ଧନ୍ୟବାଦ ଦେଇଥିଲେ।

### କୃଷକ ଆନ୍ଦୋଳନ ସମର୍ଥନରେ ସିଆଇଟିୟୁର ସଭା

କଟକ ଅଫିସ, ୩।୧୨- ଦିଲ୍ଲୀରେ ଚାଲିଥିବା କୃଷକ ଆନ୍ଦୋଳନକୁ ସମର୍ଥନ କରି କଟକ କଲେଜ ଛକରେ ସିଆଇଟିୟୁ ପକ୍ଷରୁ ଏକ ପ୍ରତିବାଦ ସଭା ଗୁରୁବାର ଅନୁଷ୍ଠିତ ହୋଇଯାଇଛି। କୃଷକଙ୍କ ଉପରେ କେନ୍ଦ୍ର ଓ ହରିୟାଣା ସରକାରଙ୍କ ଆକ୍ରମଣକୁ ତୀବ୍ର ନିନ୍ଦା କରାଯାଇଛି। ଏଥିସହ ତୁରନ୍ତ ଚାଷୀ ବିରୋଧୀ କୃଷି ଆଇନ ଓ ବିଦ୍ୟୁତ୍ ଆଇନ ପ୍ରତ୍ୟାହାର କରିବା ପାଇଁ ସଙ୍ଗଠନ ଦାବି କରିଛି। ସଙ୍ଗଠନର କଟକ ଜିଲା ସଭାପତି ରବିନାରାୟଣ ମଲ୍ଲିକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ କୃଷକ ସଭାର ଜିଲା ସଭାପତି ମଧୁସୂଦନ ପତି, ସିଆଇଟିୟୁ ଜିଲା ସମ୍ପାଦକ ଅଭୟ ସ୍ୱାଇଁ, ବସ୍ତିବାସିନ୍ଦା ସଂଘ ନେତା ପ୍ରତାପ ମହାପାତ୍ର, ଅଭୟ ଦାସ, ବୁଲି ସାହୁ, ଶରତ ନାୟକ ପ୍ରମୁଖ ଉଦ୍‌ବୋଧନ ଦେଇଥିଲେ।

### ନାବାଳିକା ମୃତ୍ୟୁ ଘଟଣା: ନୀଳଗିରି ଯିବ କଂଗ୍ରେସ ଟିମ୍

ଭୁବନେଶ୍ୱର,୩।୧୨(ବ୍ୟୁରୋ): ନୀଳଗିରି ନାବାଳିକା ମୃତ୍ୟୁ ପ୍ରସଙ୍ଗ ନେଇ କଂଗ୍ରେସ ଏକ ଅନୁଧ୍ୟାନ କମିଟି ଗଠନ କରିଛି। ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ଏହି ଅନୁଧ୍ୟାନ କମିଟି ଗଠନ କରାଯାଇଛି। ଏହି କମିଟିରେ ୬ଜଣ ନେତ୍ରୀ ସ୍ଥାନ ପାଇଛନ୍ତି। ଏହି କମିଟି ଘଟଣାସ୍ଥଳକୁ ଯାଇ ଘଟଣାର ଅନୁସନ୍ଧାନ କରିବ। ଏହାପରେ ସଂଗୃହୀତ ରିପୋର୍ଟ ପିସିସିକୁ ହସ୍ତାନ୍ତର କରିବ। ନୀଳଗିରିରେ ପହଞ୍ଚି ଉକ୍ତ କମିଟି ଏକ ଖବରଦାତା ସମ୍ମିଳନୀ କରିବେ ବୋଲି କଂଗ୍ରେସ ପକ୍ଷରୁ ସୂଚନା ଦିଆଯାଇଛି।

### ୨୨ ପ୍ରାଥମିକ ବିଦ୍ୟାଳୟ ଖୋଲିବାକୁ ଦାବି

ବାଲିପାଟଣା,୩।୧୨(ଡି.ଏନ୍.ଏ.): ବାଲିପାଟଣା ବ୍ଲକରେ ବନ୍ଦ ହୋଇଥିବା ୨୨ଟି ପ୍ରାଥମିକ ବିଦ୍ୟାଳୟ ଖୋଲାଯାଉ । ପୂର୍ବତନ ଜିଲା ପରିଷଦ ସଭ୍ୟ ଦିଲ୍ଲୀପ ବଲିୟାର ସିଂଙ୍କ ଆବାହକତ୍ୱରେ ଓଡ଼ିଶା ଅଭିଭାବକ ମହାସଂଘ ପକ୍ଷରୁ ଗୁରୁବାର ଆମେଣାକୁଦଠାରେ ଅନୁଷ୍ଠିତ ବୈଠକରେ ଏହି ଦାବି ହୋଇଛି। ବେଆଇନ ଘରୋଇ ବିଦ୍ୟାଳୟ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କରାଗଲେ ଏହି ସମସ୍ୟା ଦୂର ହେବ ନାହିଁ ବୋଲି ବକ୍ତାମାନେ ମତବ୍ୟକ୍ତ କରିଥିଲେ। ବନ୍ଦ ସ୍କୁଲ ନ ଖୋଲିରେ ୨୨ଟି ଗ୍ରାମର ପିଲାମାନେ ହଇରାଣ ହେବେ ବୋଲି ଓଡ଼ିଶା ଅଭିଭାବକ ସଂଘ ସଭାପତି ବାସୁଦେବ ଭଟ୍ଟ କହିଛନ୍ତି।

# ମଠ ଅସ୍ତିତ୍ୱ ରକ୍ଷା ପାଇଁ ମିଳିତ ପ୍ରୟାସ ଲୋଡ଼ା

ପୁରୀ ଅଫିସ, ୩।୧୨:

### ପୁରୀରେ ରହିଛି ୩୭୪ ମଠ, ଆଶ୍ରମ


ଆଲୋଚନାଚକ୍ରରେ ଶଙ୍କରାଚାର୍ଯ୍ୟ ଓ ଅନ୍ୟମାନେ ।

ପୁରୀର ପ୍ରାଚୀନ ମଠ ଶ୍ରୀଶଙ୍କରାନନ୍ଦ ମଠ ଦୀର୍ଘବର୍ଷ ଧରି ଅବହେଳିତ ଅବସ୍ଥାରେ ରହିଛି। ଏହି ମଠର ଅସ୍ତିତ୍ୱ ଓ ଆଦର୍ଶ ରକ୍ଷା ପାଇଁ ମିଳିମିଶି ପ୍ରୟାସ କରାଯିବା ଆବଶ୍ୟକ ବୋଲି ଗୋବର୍ଦ୍ଧନ ପୀଠର ଶଙ୍କରାଚାର୍ଯ୍ୟ ସ୍ୱାମୀ ନିଶ୍ଚଳାନନ୍ଦ ସରସ୍ୱତୀ କହିଛନ୍ତି। ଶ୍ରୀଶଙ୍କରାନନ୍ଦ ମଠ ଏଣ୍ଡାଓମେଣ୍ଟ ଟ୍ରଷ୍ଟ ବୋର୍ଡ ଏବଂ ଐତିହ୍ୟ ସଂରକ୍ଷଣ ପରିଷଦ ପକ୍ଷରୁ ଗୁରୁବାର ମଠ ପରିସରରେ ଆୟୋଜିତ ଐତିହ୍ୟ ଆଲୋଚନାଚକ୍ରକୁ ଉଦ୍‌ଘାଟନ କରି ଜଗଦ୍‌ଗୁରୁ କହିଲେ, ଏହି ପ୍ରାଚୀନ ମଠର ପୁନରୁଦ୍ଧାର ପାଇଁ ଏକ ସମିତି ଗଠନ ହେଉ। ନିର୍ଦ୍ଦିଷ୍ଟ ଆଭିମୁଖ୍ୟ ନେଇ ଆମେ ସରକାରଙ୍କ ପାଖରେ ପହଞ୍ଚିଲେ ଧ୍ୱଂସାଭିମୁଖେ ରହିଥିବା ଏହି ମଠର ପୁନରୁଦ୍ଧାର ହୋଇପାରିବ। ଶ୍ରୀଶଙ୍କରାନନ୍ଦ ମଠର ଐତିହ୍ୟ ସମ୍ପର୍କିତ ଏହି ଆଲୋଚନାଚକ୍ରରେ ଐତିହ୍ୟ ବିଶାରଦ ଡ. ସୁରେନ୍ଦ୍ର କୁମାର ମିଶ୍ର ଭିତ୍ତିପ୍ରବନ୍ଧ ଉପସ୍ଥାପନ କରିଥିଲେ। ଡ. ମିଶ୍ର କହିଥିଲେ ଯେ, ପ୍ରାଚୀନ କାଳରେ ପୁରୀରେ ୭୫୨ଟି ମଠ ଓ ଆଶ୍ରମ ଥିଲା। ବର୍ତ୍ତମାନ ଅନୁସନ୍ଧାନ ଫଳରେ ୩୭୪ଟି ମଠ ଓ ଆଶ୍ରମ ରହିଛି। ଏହି ମଠଗୁଡ଼ିକ ମଧ୍ୟରେ ଶୈବ ସମ୍ପ୍ରଦାୟର ୫ଟି ମଠ ସର୍ବପୁରାତନ। ତାହା ମଧ୍ୟରେ ଶ୍ରୀଶଙ୍କରାନନ୍ଦ ମଠକୁ ପ୍ରଥମେ ଶ୍ରୀଜଗନ୍ନାଥ ମନ୍ଦିର ପରିଚାଳନା କରିବାର ଦାୟିତ୍ୱ ଦିଆଯାଇଥିଲା। ଏହି ମଠର ସ୍ୱାମିଜୀ ମନ୍ଦିରର ପରିଚ୍ଛା ସେବା କରୁଥିଲେ। ଶ୍ରୀମନ୍ଦିର ନିର୍ମାଣର ୧୦୦ ବର୍ଷ ପୂର୍ବରୁ ଏକାମ୍ର କ୍ଷେତ୍ରରେ ନିର୍ମିତ ଶ୍ରୀଲିଙ୍ଗରାଜ ମନ୍ଦିରର ପରିଚାଳନା କାର୍ଯ୍ୟ ଏହି ମଠର ସ୍ୱାମିଜୀ କରୁଥିଲେ। ଲିଙ୍ଗରାଜ ମନ୍ଦିର ନିକଟରେ ଏହାର ଏକ ଶାଖା ମଠ ରହିଛି। ତାହା ପୂର୍ବରୁ ଢେଙ୍କାନାଳ କପିଳାସରେ ବିଜେ କରିଥିବା ଶ୍ରୀଚନ୍ଦ୍ରଶେଖରଙ୍କ ଉପାସନାର ଦାୟିତ୍ୱ ସେ ବୁଝୁଥିଲେ। ପୁରୀ ଶ୍ରୀଲୋକନାଥ ମନ୍ଦିରର ଦାୟିତ୍ୱ ବୁଝିବା ସହିତ ସମସ୍ତ ଯାନିଯାତ୍ରାରେ ସହଯୋଗ କରୁଥିଲେ। ଏବେ ବି ଶ୍ରୀଲୋକନାଥଙ୍କ ବିଜେ ପ୍ରତିମା ଏହି ମଠକୁ ଆସୁଛନ୍ତି। କୋଣାର୍କ ମନ୍ଦିରର ନିର୍ମାଣ ଇତିହାସ ଲେଖାଯାଇଥିବା ଚକଡ଼ ପୋଥିରେ ଉଲ୍ଲେଖ ଅଛି ଯେ, ଲାଙ୍ଗୁଳା ନରସିଂହ ଦେବଙ୍କ ନିମନ୍ତ୍ରଣକ୍ରମେ ଶଙ୍କରାନନ୍ଦ ସ୍ୱାମୀ ଶ୍ରୀନରସିଂହ ସରସ୍ୱତୀ ମନ୍ଦିର ନିର୍ମାଣ କାର୍ଯ୍ୟ ଦେଖିବା ପାଇଁ କୋଣାର୍କରେ ପହଞ୍ଚିଥିଲେ। ସେଠାରେ ସ୍ୱାମିଜୀଙ୍କ ପାଦପୂଜା ଶିବେଇ ସାମନ୍ତରା କରିଥିଲେ। ତାଙ୍କୁ ଦାନ ମିଳିଥିବା ସୁନାମାଢ ସେ ଶିବେଇ ସାମନ୍ତରାଙ୍କୁ ଦେଇ ଆଦିଶଙ୍କରାଚାର୍ଯ୍ୟଙ୍କ ସିଦ୍ଧ ଯୋଗମୁଦ୍ରାର ଏକ ମୂର୍ତ୍ତି ନିର୍ମାଣ କରିବାକୁ ଅନୁରୋଧ କରିଥିଲେ। ସେତେବେଳେ ଗଙ୍ଗବଂଶର ଶାସନ ସମୟରେ ଗଜପତିମାନେ ଶଙ୍କରାନନ୍ଦ ମଠର ସ୍ୱାମୀଙ୍କୁ ଗୁରୁତ୍ୱ ଦେଉଥିଲେ। ସରକାର ଚାହିଁଲେ ଏଭଳି ଏକ ପ୍ରାଚୀନ ଐତିହ୍ୟପୂର୍ଣ୍ଣ ମଠର ପୁନରୁଦ୍ଧାର କରିପାରିବେ ବୋଲି ଡ. ମିଶ୍ର ମତ ରଖିଥିଲେ। ଐତିହ୍ୟ ପରିଷଦ ସମ୍ପାଦକ ଦେବୀପ୍ରସନ୍ନ ନନ୍ଦ, ସଭ୍ୟ ସିଦ୍ଧାର୍ଥ ଆଚାର୍ଯ୍ୟ ବକ୍ତବ୍ୟ ରଖିଥିବାବେଳେ ମଠ ସମିତି ପକ୍ଷରୁ ଦୁର୍ଗାପ୍ରସାଦ ମିଶ୍ର ସ୍ୱାଗତ ଭାଷଣ ଦେଇଥିଲେ। ଆଲୋଚ୍ୟ ପ୍ରସଙ୍ଗରେ ଶ୍ରୀଜଗନ୍ନାଥ ମିଶ୍ର, ଦୁର୍ଗାପ୍ରସାଦ ମହାପାତ୍ର, ପ୍ରଫେସର ଦିବାକର ମହାପାତ୍ର ପ୍ରମୁଖ ଭାଗ ନେଇଥିଲେ। ବିଦେଶୀ ଭାଷାରେ ପ୍ରକାଶିତ ଜଗନ୍ନାଥ ସଂସ୍କୃତିରେ ଶବ୍ଦକୋଷ ଓ ଭାଷାକୋଷ ସଂଶୋଧନ ନିମନ୍ତେ ପଣ୍ଡିତ ଦୁର୍ଗାପ୍ରସାଦ ମହାପାତ୍ର ଏବଂ ପଣ୍ଡିତ ସୂର୍ଯ୍ୟ ନାରାୟଣ ରଥଙ୍କ ଦ୍ୱାରା ଲିଖିତ ପୁସ୍ତକକୁ ଶଙ୍କରାଚାର୍ଯ୍ୟ ଉନ୍ମୋଚନ କରିଥିଲେ।


ଗଙ୍ଗାଧର ରଥ ଫାଉଣ୍ଡେଶନ ପକ୍ଷରୁ ଗୁରୁବାର କଟକରେ ଅନୁଷ୍ଠିତ ସମାରୋହରେ ଡ. ରମେଶ ପ୍ରସାଦ ପାଣିଗ୍ରାହୀଙ୍କୁ ସାହିତ୍ୟ ଭାରତୀ ସମ୍ମାନ, ଡ. ହରପ୍ରସାଦ ପରିଚ୍ଛା ପଟ୍ଟନାୟକଙ୍କୁ ଭାନୁଜୀ ରାଓ ସ୍ମାରକୀ ପୁରସ୍କାର, ଦେବାଶିଷ ସାମନ୍ତରାୟ ଓ ଡ. ସୁଶୀଲ କୁମାର ବାଗ୍‌ଙ୍କୁ ସୁବ୍ରତ ରଥ ସ୍ମାରକୀ ପୁରସ୍କାର, ଡ. ପ୍ରିୟମ୍ବଦା ମହାନ୍ତି ହେଜ୍‌ମାଦୀଙ୍କୁ ଗଙ୍ଗାଧର ରଥ ସମ୍ମାନ ପ୍ରଦାନ କରାଯାଉଛି।

# ସୂଚନା ଅଧିକାର ଆଇନ ପାଳନ ପାଇଁ ଜିଲାପାଳଙ୍କୁ ନିର୍ଦ୍ଦେଶ

କଟକ ସଦର,୩।୧୨(ଡି.ଏନ୍.ଏ.):

ସୂଚନା ଅଧିକାର ଆଇନ-୨୦୦୫ ବଳରେ ଆବେଦନକାରୀମାନେ କଟକ ଜିଲାପାଳଙ୍କ କାର୍ଯ୍ୟାଳୟର ଲୋକ ସୂଚନା ଅଧିକାରୀଙ୍କୁ ତଥ୍ୟ ମାଗିଥାନ୍ତି। ମାତ୍ର ସମ୍ପୃକ୍ତ ଅଧିକାରୀମାନେ ତଥ୍ୟ ପ୍ରଦାନରେ ଟାଳଟୁଳ ନୀତି ଅବଲମ୍ବନ କରିଥାନ୍ତି। ତେଣୁ ଏଭଳି ନୀତି ଅବଲମ୍ବନ ନ କରି ସୂଚନା ଅଧିକାର ଆଇନର ନିୟମ ପାଳନ କରିବା ପାଇଁ ରାଜ୍ୟ ମୁଖ୍ୟ ସୂଚନା ଆୟୁକ୍ତ ପତ୍ରସଂଖ୍ୟା ୪୧୪୫୪/୨୩।୧୧।୨୦ରେ କଟକ ଜିଲାପାଳଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏହି ନିର୍ଦ୍ଦେଶନାମା ଜିଲାପାଳଙ୍କ ଅଧୀନରେ କାର୍ଯ୍ୟରତ ସମସ୍ତ ଲୋକ ସୂଚନା ଅଧିକାରୀଙ୍କୁ ଅବଗତ କରାଇବା ପାଇଁ ଆଦେଶନାମାରେ କୁହାଯାଇଛି। ଦ୍ୱିତୀୟ ଅପିଲ ୩୬୩/୨୦୧୫ର ଶୁଣାଣି କରି ତଳସ୍ତରରୁ ଆବେଦନକାରୀଙ୍କୁ ସମସ୍ତ ତଥ୍ୟ ୩୦ ଦିନ ମଧ୍ୟରେ ପ୍ରଦାନ ସହ ଅଯଥା ହଇରାଣ ନ କରିବା ପାଇଁ କୁହାଯାଇଛି। ଫଳରେ ରାଜ୍ୟ ସୂଚନା ଆୟୁକ୍ତଙ୍କ ପାଖକୁ ଦ୍ୱିତୀୟ ଅପିଲ ମାମଲା ସଂଖ୍ୟା ଆପେଆପେ କମିଯିବ। ରାଜସ୍ୱ ବିଭାଗ ସମ୍ବନ୍ଧୀୟ ସୂଚନା ପାଇବା ପାଇଁ ଜଣେ ଆବେଦନକାରୀ ଦୀର୍ଘଦିନ ଧରି ହଇରାଣ ହେବା ପରେ ରାଜ୍ୟ ସୂଚନା ଆୟୁକ୍ତଙ୍କ କୋର୍ଟରେ ଆବେଦନ କରିଥିଲେ।

# 'ଭିନ୍ନକ୍ଷମଙ୍କ ସେବା ଭଗବାନ୍‌ଙ୍କ ସେବା'



କାର୍ଯ୍ୟକ୍ରମରେ ଇଣ୍ଡିଆନ ବ୍ୟାଙ୍କ ମୁଖ୍ୟ ଆର୍ଥିକ ପରିଚାଳକ ବି. ସୁରିବାବୁଙ୍କୁ ସମ୍ମାନିତ କରାଯାଉଛି।

କଣ୍ଟାପଡା, ୩।୧୨ (ଡି.ଏନ୍.ଏ.)

କଟକ ଜିଲା ଓଲଟପୁରସ୍ଥିତ ଏସ୍‌ଭି ନିରତାର ସମ୍ମିଳନୀ କକ୍ଷରେ ବିଶ୍ୱ ଭିନ୍ନକ୍ଷମ ଦିବସ ଗୁରୁବାର ପାଳିତ ହୋଇଯାଇଛି। ଅନୁଷ୍ଠାନର ନିର୍ଦ୍ଦେଶକ ଡା. ଶକ୍ତିପ୍ରସାଦ ଦାସଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ଇଣ୍ଡିଆନ ବ୍ୟାଙ୍କ ମୁଖ୍ୟ ଆର୍ଥିକ ପରିଚାଳକ ବି. ସୁରିବାବୁ ମୁଖ୍ୟଅତିଥି ଭାବେ ଯୋଗଦେଇ ଇଣ୍ଡିଆନ ବ୍ୟାଙ୍କ ଭିନ୍ନକ୍ଷମଙ୍କ ଆର୍ଥିକ ଉନ୍ନତି ପାଇଁ ସବୁବେଳେ ସଙ୍କଳ୍ପବଦ୍ଧ ବୋଲି କହିଥିଲେ। ଏଥିରେ ଇଣ୍ଡିଆନ ବ୍ୟାଙ୍କ ଡିଜିଏମ ମନୋରଞ୍ଜନ ଦାସ, ଜୋନାଲ ମ୍ୟାନେଜର ସନ୍ଦୀପ କୁମାର ଘୋଷାଲ, ଏଜିଏମ୍ ଲକ୍ଷ୍ମୀଧର ନାୟକ ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ଏହି ଅବସରରେ ନିର୍‌ତାରରେ ଭିନ୍ନକ୍ଷମଙ୍କ ସେବାରେ ସମର୍ପିତ କର୍ମଚାରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ନିର୍‌ତାରର ବୈଷୟିକ ଉପନିର୍ଦ୍ଦେଶକ ଡା. କିଶୋର ଚନ୍ଦ୍ର ମହାପାତ୍ର ଓ ପ୍ରଶାସନିକ ଉପ ନିର୍ଦ୍ଦେଶକ ରଶ୍ମିରଞ୍ଜନ ସେଠୀ ଯୋଗଦେଇ କହିଥିଲେ ଭିନ୍ନକ୍ଷମଙ୍କ ସେବା ଭଗବାନଙ୍କ ସେବା। ଇଂ. ସତ୍ୟଜିତ୍ ପଟ୍ଟନାୟକ ଧନ୍ୟବାଦ ଦେଇଥିଲେ। ଶେଷରେ ଭିନ୍ନକ୍ଷମଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା।

# 'ସମନ୍ୱୟ ଦ୍ୱାରା ପ୍ରାକୃତିକ ଗ୍ୟାସ କ୍ଷେତ୍ରରେ ଅଭିବୃଦ୍ଧି ଘଟିବ'

ଭୁବନେଶ୍ୱର, ୩।୧୨ (ବ୍ୟୁରୋ):

କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଗୁରୁବାର ନୂଆଦିଲ୍ଲୀରୁ ଭିଡିଓ କନଫରେନ୍ସ ଜରିଆରେ ଚଳିତବର୍ଷ ମାଲେସିଆ ସରକାରଙ୍କ ପକ୍ଷରୁ ଆୟୋଜିତ ସପ୍ତମ ଆଇଇଏଫ-ଆଇଜିୟୁ ମନ୍ତ୍ରୀସ୍ତରୀୟ ଗ୍ୟାସ୍ ଫୋରମରେ ସାମିଲ ହୋଇଛନ୍ତି। ପ୍ରାକୃତିକ ଗ୍ୟାସ୍‌କୁ ପ୍ରୋତ୍ସାହନ ଦେବା ସହିତ ଉଭୟ ପ୍ରାକୃତିକ ଗ୍ୟାସ ଉତ୍ପାଦନକାରୀ ଏବଂ ଉପଭୋକ୍ତା ରାଷ୍ଟ୍ରଗୁଡିକ ମଧ୍ୟରେ ଅଧିକ ସମନ୍ୱୟ ବୃଦ୍ଧି ଉପରେ ସେ ଗୁରୁତ୍ୱାରୋପ କରିଛନ୍ତି। ଏହି ଅବସରରେ ଧର୍ମେନ୍ଦ୍ର କହିଛନ୍ତି, କୋଭିଡ୍ ମହାମାରୀ ସଙ୍କଟ ପରେ ଆସିଥିବା ସୁଯୋଗକୁ ଚିହ୍ନଟ କରିବାର ଆବଶ୍ୟକତା ରହିଛି। ଏହାକୁ ଆଧାର କରି ପ୍ରାକୃତିକ ଗ୍ୟାସ ଉତ୍ପାଦନକାରୀ ଏବଂ ଉପଭୋକ୍ତା ରାଷ୍ଟ୍ରଗୁଡ଼ିକ ମଧ୍ୟରେ ଅଧିକ ସମନ୍ୱୟ ବୃଦ୍ଧି କରିବା ଦରକାର। ଏହାଦ୍ୱାରା ସମସ୍ତ ପ୍ରାକୃତିକ ଗ୍ୟାସ କ୍ଷେତ୍ରରେ ଅଭିବୃଦ୍ଧି ଘଟିବ। ସେହିପରି ଗୁଜୁରାଟ ମଡେଲକୁ ଏକ କେସ୍ ଷ୍ଟଡିଭାବେ ବ୍ୟବହାର କରାଯିବା ଖୁସିର ବିଷୟ। ଭାରତକୁ ଗ୍ୟାସ ଆଧାରିତ ଅର୍ଥନୀତିରେ ପରିଣତ କରିବାକୁ କେନ୍ଦ୍ର ସରକାର ସାରା ଦେଶରେ ଗୁଜୁରାଟ ମଡେଲକୁ ଅନୁସରଣ କରୁଛନ୍ତି। ଜାତୀୟସ୍ତରରେ ପ୍ରାଥମିକ ଉର୍ଜା ମିଶ୍ରଣରେ ୬.୩ ପ୍ରତିଶତ ପ୍ରାକୃତିକ ଗ୍ୟାସର ୨୫ ପ୍ରତିଶତ ସେୟାର ସହିତ ଗୁଜୁରାଟ ଏକ ଉଦାହରଣ ସୃଷ୍ଟି କରିପାରିଛି ବୋଲି ଧର୍ମେନ୍ଦ୍ର କହିଛନ୍ତି।

## ପ୍ରଧାନ ମୁଖ୍ୟ ଆୟକର ଆୟୁକ୍ତଙ୍କୁ ବିଦାୟ ସମ୍ବର୍ଦ୍ଧନା

ଭୁବନେଶ୍ୱର, ୩।୧୨ (ବ୍ୟୁରୋ)

ଓଡ଼ିଶାର ପ୍ରଧାନ ମୁଖ୍ୟ ଆୟକର ଆୟୁକ୍ତ ପ୍ରଣବ କୁମାର ଦାସ ଗତ ୩୦ ତାରିଖରେ ଅବସର ଗ୍ରହଣ କରିଛନ୍ତି। ଏହି ପରିପ୍ରେକ୍ଷୀରେ ଭୁବନେଶ୍ୱରସ୍ଥିତ ଏକ ହୋଟେଲରେ ଓଡ଼ିଶା ଆୟକର କର୍ମଚାରୀ ମହାସଂଘ ପକ୍ଷରୁ ଏକ ବିଦାୟ ସମ୍ବର୍ଦ୍ଧନା ସଭାର ଆୟୋଜନ କରାଯାଇଥିଲା। କଟକ ପ୍ରଭାଗର ଆୟକର ପ୍ରଧାନ ଆୟୁକ୍ତ ମନୋରଞ୍ଜନ ପାଣିଗ୍ରାହୀ ଓ ସେବା ନିବୃତ୍ତ ଆୟକର ପ୍ରଧାନ ମୁଖ୍ୟ ଆୟୁକ୍ତ ଅଶୋକ କୁମାର ଶତପଥୀ, ଶରତ କୁମାର ଦାଶ, ପ୍ରଦୋଷ ଚନ୍ଦ୍ର ମହାନ୍ତି, ଆର୍ତ୍ତବନ୍ଧୁ ପାତ୍ର ପ୍ରମୁଖ ଯୋଗଦେଇ ୧୯୮୩ ବ୍ୟାଚ୍‌ର ଆଇଆର୍‌ଏସ୍ ଅଫିସର ପ୍ରଣବଙ୍କ କାର୍ଯ୍ୟଦକ୍ଷତା ଓ କର୍ତ୍ତବ୍ୟପରାୟଣତା ସମ୍ପର୍କରେ କହିଥିଲେ। ଏହି ଅବସରରେ ତାଙ୍କୁ ବିଦାୟ ସମ୍ବର୍ଦ୍ଧନା ଦିଆଯିବା ସହ ନୂତନ ଆୟକର ଆୟୁକ୍ତ ସରୋଜ କୁମାର ମହାପାତ୍ରଙ୍କୁ ମହାସଂଘ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ମହାସଂଘ ସାଧାରଣ ସଚିବ ଚିତ୍ତରଞ୍ଜନ ପଟ୍ଟନାୟକ, ସଭାପତି କେ. ସତ୍ୟନାରାୟଣ ପାତ୍ର, ଉପସଭାପତି ସୁରେଶ ଚନ୍ଦ୍ର ମହାପାତ୍ର, ଏମ୍. କ୍ରିଷ୍ଣା ସାଇ ଓ ରାଧାଶ୍ୟାମ ଗିରି ପ୍ରମୁଖ କର୍ମଚାରୀଙ୍କ ପ୍ରତି ପ୍ରଣବଙ୍କ ଭଲ ପାଇବା ସମ୍ପର୍କରେ କହିଥିଲେ। ଶେଷରେ ତାଙ୍କୁ ଉପହାର ସ୍ୱରୂପ ବିଦାୟ ସ୍ମରଣିକା ପ୍ରଦାନ କରାଯାଇଥିଲା।

# ସ୍ୱାଧୀନତା ସଂଗ୍ରାମୀଙ୍କୁ ମୁଖ୍ୟମନ୍ତ୍ରୀଙ୍କ ଶ୍ରଦ୍ଧାଞ୍ଜଳି

ଭୁବନେଶ୍ୱର,୩।୧୨(ବ୍ୟୁରୋ)

ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ତଥା ଗାନ୍ଧୀବାଦୀ ନାରୀନେତ୍ରୀ ରମାଦେବୀ ଚୌଧୁରୀଙ୍କ ଜୟନ୍ତୀରେ ଗୁରୁବାର ତାଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ରମାଦେବୀଙ୍କ ଯୋଗଦାନରେ ଆଇନ ଅମାନ୍ୟ ଆନ୍ଦୋଳନ ଓ ଲବଣ ସତ୍ୟାଗ୍ରହ ଓଡ଼ିଶାରେ ବଳିଷ୍ଠ ରୂପ ନେଇଥିଲା। ପଛୁଆ ବର୍ଗଙ୍କ ଉନ୍ନତି ସହ ସମାଜ ସଂସ୍କାର, ଶିକ୍ଷା ଓ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ସ୍ୱତନ୍ତ୍ର ଅବଦାନ ପାଇଁ ସେ ସର୍ବଦା ସ୍ମରଣୀୟ ରହିବେ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ସେହିପରି ସ୍ୱାଧୀନତା ସଂଗ୍ରାମୀ ତଥା ଭାରତର ପ୍ରଥମ ରାଷ୍ଟ୍ରପତି ଡ. ରାଜେନ୍ଦ୍ର ପ୍ରସାଦ ଓ ବିପ୍ଳବୀ ଶହୀଦ କ୍ଷୁଦିରାମ ବୋଷଙ୍କ ଜୟନ୍ତୀ ଅବସରରେ ମୁଖ୍ୟମନ୍ତ୍ରୀ ସେମାନଙ୍କ ପ୍ରତି ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି। ସେମାନଙ୍କ ନିର୍ଭୀକତା, ତ୍ୟାଗ ଓ ଦେଶପ୍ରେମ ଉତ୍ତରପିଢ଼ିକୁ ପ୍ରେରଣା ଦେଉଥିବ ବୋଲି ସେ କହିଛନ୍ତି। ଅନ୍ୟପକ୍ଷରେ ଏମ୍‌ଡିଏଚ୍

## ଧରମ୍‌ପାଲ୍ ଗୁଲାଟିଙ୍କ ବିୟୋଗରେ ଶୋକ, ଦିବ୍ୟାଙ୍ଗଙ୍କୁ ସମ୍ମାନ

ଦାଦାଜୀ ଭାବେ ଜଣାଶୁଣା ପଦ୍ମଭୂଷଣ ଧରମ୍‌ପାଲ୍ ଗୁଲାଟି ଜୀଙ୍କ ବିୟୋଗରେ ମୁଖ୍ୟମନ୍ତ୍ରୀ ଦୁଃଖ ପ୍ରକାଶ କରିଛନ୍ତି। ଧରମ୍‌ପାଲ ଭାରତର ଔଦ୍ୟୋଗିକ ଯାତ୍ରାରେ ଏକ ଉଜ୍ଜ୍ୱଳ ତାରକା ଥିଲେ ଓ ଲୋକହିତୈଷୀ କାର୍ଯ୍ୟ ପାଇଁ ସେ ସର୍ବଦା ସ୍ମରଣୀୟ ରହିବେ ବୋଲି ପଟ୍ଟନାୟକ କହିଛନ୍ତି। ଏଥିସହ ଆନ୍ତର୍ଜାତିକ ଭିନ୍ନକ୍ଷମ ଦିବସ ଅବସରରେ ସମସ୍ତ ଦିବ୍ୟାଙ୍ଗ ବ୍ୟକ୍ତିଙ୍କ ଅଦମ୍ୟ ଉତ୍ସାହକୁ ମୁଖ୍ୟମନ୍ତ୍ରୀ ସମ୍ମାନ ଜଣାଇଛନ୍ତି। ପ୍ରତି କ୍ଷେତ୍ରରେ ଦିବ୍ୟାଙ୍ଗଙ୍କ ସାମାଜିକ ଅଧିକାରକୁ ସୁରକ୍ଷା ଦେଇ ସେମାନଙ୍କ ପ୍ରକୃତ ସାମର୍ଥ୍ୟକୁ ଉପଯୋଗ କରିବା ଦିଗରେ ରାଜ୍ୟ ସରକାର ପ୍ରତିବଦ୍ଧ ବୋଲି ସେ କହିଛନ୍ତି।

# ରେଳ କର୍ମଚାରୀଙ୍କ ଝୁଲନ୍ତା ମୃତଦେହ ଜବତ

ପୁରୁଣା ଭୁବନେଶ୍ୱର,୩।୧୨(ଡି.ଏନ୍.ଏ.):

ଉତ୍ତରାଫାଣ୍ଡି ଅଧୀନ ବିଲିପଡ଼ା ଗ୍ରାମରୁ ବୁଧବାର ପୋଲିସ ଜଣେ ରେଲ୍‌ୱେ କର୍ମଚାରୀଙ୍କ ଝୁଲନ୍ତା ମୃତଦେହ ଜବତ କରିଛି। ମୃତକ ହେଲେ ପ୍ରମୋଦ କୁମାର ଜେନା(୪୭)। ଏ ସମ୍ପର୍କରେ ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁକରି ତଦନ୍ତ ଚଳାଇଛି। ସୂଚନା ଅନୁଯାୟୀ, ପ୍ରମୋଦ ରେଲୱେରେ ଇଲେକ୍ଟ୍ରିକାଲ ଟେକ୍ନିସିଆନ ଭାବେ କାର୍ଯ୍ୟ କରନ୍ତି। ବୁଧବାର ସକାଳେ ପ୍ରମୋଦଙ୍କ ମୃତଦେହ ଫ୍ୟାନରେ ଝୁଲୁଥିବା ପରିବାର ଲୋକେ ଦେଖିବାକୁ ପାଇଥିଲେ। ଖବରପାଇ ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲା। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର କାରଣ ସ୍ପଷ୍ଟ ହେବ ବୋଲି ପୋଲିସ କହିଛି।

## ୭ଦିନ ମଧ୍ୟରେ ଜବରଦଖଲକାରୀଙ୍କୁ ନୋଟିସ

ବାଲିପାଟଣା,୩।୧୨(ଡି.ଏନ୍.ଏ.): ବାଲିପାଟଣା-ଭିଙ୍ଗାରପୁର ରାସ୍ତାକୁ ଜବରଦଖଲ କରି ଦୋକାନ ଓ ଗୃହ ନିର୍ମାଣ କରାଯାଇଛି। ଏହାକୁ ଉଚ୍ଛେଦ ପାଇଁ ବୁଧବାର ତହସିଲଦାର ସୁନିତା ଜେନାଙ୍କ ତତ୍ତ୍ୱାବଧାନରେ ବାଲିପାଟଣା ସବ-ରେଜିଷ୍ଟ୍ରାର ଅଫିସଠାରୁ କଲେଜ ଛକ ପର୍ଯ୍ୟନ୍ତ ମାପଚୁପ ହୋଇଛି। ଜବରଦଖଲକାରୀଙ୍କୁ ୭ଦିନ ମଧ୍ୟରେ ନୋଟିସ ଜାରି କରାଯିବ ବୋଲି ତହସିଲଦାର ଜେନା କହିଛନ୍ତି। ଜବରଦଖଲ ଯୋଗୁ ବର୍ଷାଜଳ ଠିକ୍ ଭାବେ ନିଷ୍କାସିତ ହୋଇପାରୁ ନାହିଁ। ଏଥିସହ ଗାଡ଼ି ଚଳାଚଳରେ ସମସ୍ୟା ହେଉଥିବା ନେଇ ଲୋକେ ଅଭିଯୋଗ କରିଥିଲେ।

# ଥଇଥାନ ନ କରି ଉଚ୍ଛେଦ ନିଷ୍ପତ୍ତି ବିରୋଧରେ ବିକ୍ଷୋଭ

କଟକ ଅଫିସ, ୩।୧୨

ତାଳଦଣ୍ଡା କେନାଲ ପାର୍ଶ୍ୱ ବସ୍ତିଗୁଡିକୁ ଆଇନ ଅନୁଯାୟୀ ଥଇଥାନ ନ କରି ଉଚ୍ଛେଦ ନିଷ୍ପତ୍ତି ପ୍ରତିବାଦରେ ବସ୍ତିବାସିନ୍ଦାଙ୍କ ମିଳିତ ମଞ୍ଚ ପକ୍ଷରୁ ଗୁରୁବାର ଜିଲାପାଳ ଅଫିସ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ମଞ୍ଚ ଆବାହକ ଖଗେଶ୍ୱର ସେଠୀ କହିଛନ୍ତି, ମାଲ୍‌ଗୋଦାମ, ଛତ୍ରବଜାର ଅଞ୍ଚଳର ବିଭିନ୍ନ ଦୋକାନରେ ବସ୍ତିର ଲୋକମାନେ କାମ କରିବା ସହ ଆଉ କେତେଜଣ ରିକ୍ସା, ଟ୍ରଲି ଟାଣି ପରିବାର ପ୍ରତିପୋଷଣ କରନ୍ତି। ତେଣୁ ସେମାନେ କର୍ମସ୍ଥଳରେ ଥଇଥାନ ନ ହେଲେ ଜୀବିକା ହରାଇବେ। ଏଣୁ ବସ୍ତିବାସିନ୍ଦାମାନଙ୍କୁ ସେମାନଙ୍କ କର୍ମସ୍ଥଳ ନିକଟରେ ଥଇଥାନ ଓ ଜମିର ପଟ୍ଟା ଦେବାକୁ ମଞ୍ଚ ପକ୍ଷରୁ ଦାବି କରାଯାଇଛି।

# ଓୟୁଏଟିରେ ଜାତୀୟ କୃଷିଶିକ୍ଷା ଦିବସ

ଭୁବନେଶ୍ୱର,୩।୧୨(ବ୍ୟୁରୋ)

ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ (ଓୟୁଏଟି)ପରିସରରେ ଗୁରୁବାର ଜାତୀୟ କୃଷି ଶିକ୍ଷା ଦିବସ ପାଳିତ ହୋଇଯାଇଛି। ଭାରତର ପ୍ରଥମ ରାଷ୍ଟ୍ରପତି ଡ. ରାଜେନ୍ଦ୍ର ପ୍ରସାଦଙ୍କ ଜୟନ୍ତୀ ଅବସରରେ ଆୟୋଜିତ ଏହି ଉତ୍ସବରେ ଓୟୁଏଟି କୁଳପତି ଡ. ପ୍ରଭାତ କୁମାର ଅଗ୍ରୱାଲ୍ ପୌରୋହିତ୍ୟ କରି ସାମ୍ପ୍ରତିକ ସମୟରେ କୃଷି ଶିକ୍ଷାର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। କୃଷି ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. କୁମ୍ଭକର୍ଣ୍ଣ ରାଉତ, କୃଷି ଯାନ୍ତ୍ରିକ ଓ ବୈଷୟିକ ମହାବିଦ୍ୟାଳୟର ଅଧ୍ୟକ୍ଷ ସଞ୍ଜୟ କୁମାର ଦାଶ, ପ୍ରାଣୀ ବିଜ୍ଞାନ ଓ ପ୍ରାଣୀ ଚିକିତ୍ସା ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ଲକ୍ଷ୍ମଣ କୁମାର ବାବୁ ଏବଂ ଯୋଜନା ଓ ତଦାରଖ ବିଭାଗର ନିର୍ଦ୍ଦେଶକ ଡ. ହୃଷିକେଶ ପାତ୍ର ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଆଇସିଏଆର୍ ନୋଡାଲ୍ ସେଲ୍‌ର ଅଧିକାରୀ ଡ. ମୀନାକ୍ଷି ମହାନ୍ତି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏହି ଉପଲକ୍ଷେ ବିଭିନ୍ନ ବିଦ୍ୟାଳୟରେ କରାଯାଇଥିବା ପ୍ରବନ୍ଧ ପ୍ରତିଯୋଗିତାର କୃତି ପ୍ରତିଯୋଗୀଙ୍କ ନାମ ଘୋଷଣା କରାଯାଇଥିଲା।



ଚନ୍ଦ୍ରଭାଗା ବେଳାଭୂମିରେ ଚାଲିଥିବା ଅନ୍ତର୍ଜାତୀୟ ବାଲୁକାକଳା ମହୋତ୍ସବକୁ ମୁଖ୍ୟମନ୍ତ୍ରୀଙ୍କ ମୁଖ୍ୟ ପରାମର୍ଶଦାତା ଆର୍. ବାଲକ୍ରିଷ୍ଣନ ଓ ପର୍ଯ୍ୟଟନ ବିଭାଗ ସଚିବ ବିଶାଲ କୁମାର ଦେବ ବୁଲି ଦେଖୁଛନ୍ତି ।

# 'ବିଦ୍ୟାର୍ଥୀମାନେ ଶିକ୍ଷାକୁ ସମାଜସେବାରେ ଲଗାନ୍ତୁ'

ଭୁବନେଶ୍ୱର,୩।୧୨(ବ୍ୟୁରୋ)


ପ୍ରତିଷ୍ଠା ଦିବସ ସମାରୋହରେ ପୁରସ୍କୃତ ଛାତ୍ରୀଛାତ୍ରଙ୍କ ସହ ଅତିଥିମାନେ ।

### ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟର ୬ଷ୍ଠ ପ୍ରତିଷ୍ଠା ଦିବସ

ଶିକ୍ଷା ଓ ଜ୍ଞାନ ଆହରଣ ଜୀବନବ୍ୟାପୀ ଏକ ନିରନ୍ତର ପ୍ରକ୍ରିୟା। ବିଦ୍ୟାର୍ଥୀମାନେ ସମାଜସେବାରେ ନିଜକୁ ସମର୍ପିତ କରିବା ସହ ଶିକ୍ଷାର ସଦୁପଯୋଗ କରନ୍ତୁ ବୋଲି ଫକୀରମୋହନ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ମଧୁମିତା ଦାସ କହିଛନ୍ତି। ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟର ୬ଷ୍ଠ ପ୍ରତିଷ୍ଠା ଦିବସ ଅବସରରେ ଗୁରୁବାର ବିଶ୍ୱବିଦ୍ୟାଳୟ ପ୍ରେକ୍ଷାଳୟରେ ଅନୁଷ୍ଠିତ ସ୍ୱତନ୍ତ୍ର ଉତ୍ସବରେ ମୁଖ୍ୟ ଅତିଥିଭାବେ ଯୋଗଦେଇ ସେ ଉପସ୍ଥିତ ଛାତ୍ରୀଙ୍କୁ ଏଭଳି ପରାମର୍ଶ ଦେଇଛନ୍ତି। ଆଗାମୀ ଦିନରେ ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ ଜାତୀୟସ୍ତରରେ ନିଜକୁ ପ୍ରତିଷ୍ଠା କରିପାରିବ ବୋଲି ସେ ଆଶାପ୍ରକଟ କରିଛନ୍ତି। ଉତ୍ସବରେ ଅଧ୍ୟକ୍ଷତା କରି ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ କୁଳପତି ଅପରାଜିତା ଚୌଧୁରୀ କହିଲେ, କମ୍ ଦିନ ଭିତରେ ଏହି ଶିକ୍ଷାନୁଷ୍ଠାନକୁ ଆଗକୁ ନେବାକୁ ବଦ୍ଧପରିକର। ସୀମିତ ସମ୍ବଳ ସତ୍ତ୍ୱେ ସମସ୍ତଙ୍କ ସହଯୋଗରେ ଏହା ସମ୍ଭବ ହୋଇପାରିବ ବୋଲି କୁଳପତି ଆଶାବ୍ୟକ୍ତ କରିଛନ୍ତି।

ବିଶ୍ୱବିଦ୍ୟାଳୟର ଭାରପ୍ରାପ୍ତ କୁଳସଚିବ ନାରାୟଣ ସେଠୀ ସ୍ୱାଗତ ଭାଷଣ ଦେଇଥିବାବେଳେ ସ୍ନାତକୋତ୍ତର ପରିଷଦ ଅଧ୍ୟକ୍ଷା ପ୍ରଫେସର ସସ୍ମିତା ମହାନ୍ତି ବାର୍ଷିକ ବିବରଣୀ ପାଠ କରିଥିଲେ। ଏହି ଅବସରରେ ଅତିଥିମାନେ ବିଶ୍ୱବିଦ୍ୟାଳୟର ବାର୍ଷିକ ରିପୋର୍ଟ, ବିଜ୍ଞାନ ଓ ସମାଜ ବିଜ୍ଞାନ ଗବେଷଣା ପତ୍ରିକା ଏବଂ ବୁଲେଟିନ୍ ଉନ୍ମୋଚନ କରିଥିଲେ। ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଶାଶ୍ୱତୀ ନନ୍ଦ, ସାଗରିକା ଦାସ, ସିପ୍ରାମୟୀ ସ୍ୱାଇଁ, ଲିପିକା ମହାନ୍ତି, ନମିତା ସ୍ୱାଇଁ, ପ୍ରିୟଙ୍କା ପଣ୍ଡା ଶ୍ରେଷ୍ଠ ସ୍ଥାନରେ ରହିଥିବାବେଳେ ଶୁଭଶ୍ରୀ ଦାସ, ବିଦିସା ପ୍ରିୟଦର୍ଶିନୀ ରନର୍ସଅପ୍ ହୋଇଥିଲେ। ଡ. ମନୀଷା ମିଶ୍ର ସଭା ସଂଯୋଜନା ଓ ଡ. ଶିଖା ସିଂ ଧନ୍ୟବାଦ ଦେଇଥିଲେ। ପ୍ରଫେସର ଚଣ୍ଡୀ ଚରଣ ରଥ, ପ୍ରଫେସର ମଧୁସ୍ମିତା ପତି, ଡ. ସରିତା ସୁପକାର, ଡ. ବିଭୁଦେନ୍ଦୁ ପତି, ଡ. ମାନସ ବେହେରା, ଡ. ଶକ୍ତିକାନ୍ତ ରଥ, ସୁପ୍ରୀତି ପାଣିଗ୍ରାହୀ, ପ୍ରଫେସର ଜ୍ୟୋତିର୍ମୟୀ ଆଚାର୍ଯ୍ୟ, ଡ. ସୁଜାତା ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

## ପରିବାରର ୪ ସଦସ୍ୟଙ୍କୁ ମାଡ଼ ଘଟଣା: ଜଣେ ଗିରଫ

ଡେଲାଙ୍ଗ,(ଡି.ଏନ୍.ଏ.): ଡେଲାଙ୍ଗ ଥାନା ଅଧୀନ ହରିରାଜପୁର ଗ୍ରାମରେ ଗତ ୩୦ତାରିଖରେ ଜମିବାଡ଼ିକୁ କେନ୍ଦ୍ରକରି ୩ଜଣ ପୁରୁଷ ଓ ଜଣେ ମହିଳାଙ୍କୁ ଏକ ପ୍ଲାଷ୍ଟିକ ପାଇପ୍‌ରେ କେତେଜଣ ଲୋକ ମାଡ଼ ମାରୁଥିବା ନେଇ ଏକ ଭିଡିଓ ଭାଇରାଲ ହୋଇଥିଲା। ଏହି ଘଟଣାରେ ପୋଲିସ ଗୁରୁବାର ଉକ୍ତ ଗ୍ରାମର ରବୀନ୍ଦ୍ର ପାତ୍ର (୬୫)ଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଏ ନେଇ ଥାନାରେ ଏକ ମାମଲା (ନଂ.୨୧୭/୨୦)ରୁଜୁ ହୋଇଥିଲା।

# ମନ ମୋହିଲା ‘ଶିବଲୀଳା’

କୋଣାର୍କ ଉତ୍ସବର ତୃତୀୟ ସନ୍ଧ୍ୟା

**କୋଣାର୍କ,୩।୧୨(ଡି.ଏନ୍.ଏ.)**

ଓଡ଼ିଶା ପର୍ଯ୍ୟଟନ ବିଭାଗ ପକ୍ଷରୁ କୋଣାର୍କ ମୁକ୍ତାକାଶ ମଞ୍ଚରେ ଚାଲିଥିବା ଅନ୍ତର୍ଜାତୀୟ କୋଣାର୍କ ଉତ୍ସବର ତୃତୀୟ ସନ୍ଧ୍ୟାରେ ଗୁରୁବାର ଓଡ଼ିଶୀରେ ‘ବର୍ଷା ଅଭିସାର’ ଓ କୁଚିପୁଡ଼ିରେ ‘ଶିବଲୀଳା’ର ଅବତାରଣା ଦର୍ଶକଙ୍କୁ ବାନ୍ଧି ରଖିଥିଲା। ଏଥିସହ ଚନ୍ଦ୍ରଭାଗା ବେଳାଭୂମିରେ ବନ୍ୟଜନ୍ତୁ ସଂରକ୍ଷଣ ଓ କରୋନା ସଚେତନତାର ବାର୍ତ୍ତା ଦେଉଥିଲା ବାଲୁକାକଳା ପରିପାଟୀ। ପ୍ରଥମ ଚରଣରେ ଓଡ଼ିଶୀନୃତ୍ୟ ପରିବେଷଣ କରାଯାଇଥିଲା। ମଧୁଲିତା ମହାପାତ୍ରଙ୍କ ନୃତ୍ୟ ସଂଯୋଜନାରେ ଶିଳ୍ପୀମାନେ ଶକ୍ତିଙ୍କ ବିବିଧ ପ୍ରକାଶକୁ ନେଇ ‘ଈଶ୍ୱରୀ’ପରିବେଷଣ କରିଥିଲେ। ପରେ ମଧୁଲିତାଙ୍କ ନୃତ୍ୟାନ୍ତର ଅନୁଷ୍ଠାନର ଶିଳ୍ପୀମାନେ ମହ୍ଲାରପଲ୍ଲବୀ ବାଢ଼ି ଦେଇଥିବା ବେଳେ କାଳିଦାସଙ୍କ ଋତୁ ସଂହାର ପୃଷ୍ଠଭୂମିରେ







ଶିଳ୍ପୀଙ୍କ ‘ବର୍ଷା ଅଭିସାର’ ଦର୍ଶକଙ୍କ ଚେତନାକୁ ଆର୍ଦ୍ର କରିଥିଲା। ଅନ୍ତିମ ଅଧ୍ୟାୟରେ ହରିସ୍ମରଣେ ଉପସ୍ଥାପିତ ହୋଇଥିଲା। ଦ୍ୱିତୀୟ ପର୍ଯ୍ୟାୟରେ ଚେନ୍ନାଇରୁ ଆସିଥିବା କଳାସମର୍ପଣ ପ୍ରତିଷ୍ଠାନର ଶିଳ୍ପୀମାନେ କୁଚିପୁଡ଼ି ଶାସ୍ତ୍ରୀୟ ପରମ୍ପରାରେ ନୃତ୍ୟାଭିନୟ ‘ଶିବଲୀଳା’ ପରିବେଷଣ କରିଥିଲେ। ପୌରାଣିକ ପୃଷ୍ଠଭୂମିରେ ଭଗବାନ ଶଙ୍କରଙ୍କ ବିବିଧ ଲୀଳା ମାଧୁରୀକୁ ନେଇ ଏହା ଉପସ୍ଥାପିତ ହୋଇଥିଲା। କ୍ଷୀର ସାଗର ମନ୍ଥନମ୍, ମନ୍ମଥଭଙ୍ଗମ୍ ଓ ଆନନ୍ଦ ତାଣ୍ଡବମ। ଶିବପୁରାଣ ଆଧାରରେ ପ୍ରତି ଉପସ୍ଥାପନାକୁ ନିଖୁଣ ଭାବେ ବାଢିଦେଇଥିଲେ କୁଚିପୁଡ଼ି ଶିଳ୍ପୀ। ତୃତୀୟ ସନ୍ଧ୍ୟାରେ ଅତିଥିଭାବେ ମୁଖ୍ୟମନ୍ତ୍ରୀଙ୍କ ମୁଖ୍ୟ ପରାମର୍ଶଦାତା ଆର୍ ବାଲକ୍ରିଷ୍ଣନ ଏବଂ ପର୍ଯ୍ୟଟନ ବିଭାଗର ଶାସନ ସଚିବ ବିଶାଲ କୁମାର ଦେବ ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଅଧ୍ୟାପକ ଡ. ମୃତ୍ୟୁଞ୍ଜୟ ରଥ ଓ ସଂହତି ପାଣି କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ। ପର୍ଯ୍ୟଟନ ବିଭାଗର ବରିଷ୍ଠ ଅଧିକାରୀ ରତିକାନ୍ତ ପଟ୍ଟନାୟକ, ଅଜୟ କୁମାର ରାଉତ, ସରୋଜ କୁମାର ଜେନା, ସୁଶାନ୍ତ କୁମାର ପାଣିଗ୍ରାହୀ, କୋଣାର୍କ ପର୍ଯ୍ୟଟନ ଅଧିକାରୀ ସରୋଜକାନ୍ତ ପ୍ରଧାନ, ସଙ୍ଗୀତ ନାଟକ ଏକାଡେମୀ ସଚିବ ପ୍ରବୋଧ କୁମାର ରଥ ପରିଚାଳନାରେ ସହାୟତା କରିଥିଲେ।

## ଚାଷୀ ଆନ୍ଦୋଳନକୁ ବିଭିନ୍ନ ସଙ୍ଗଠନର ସମର୍ଥନ

**ଖୋର୍ଦ୍ଧା ଅଫିସ, ୩।୧୨**

ନୂତନ କୃଷି ଆଇନ ପ୍ରତ୍ୟାହାର ଦାବିରେ ଦିଲ୍ଲୀରେ ଚାଲିଥିବା ଚାଷୀ ଆନ୍ଦୋଳନକୁ ଖୋର୍ଦ୍ଧାର ବିଭିନ୍ନ ଚାଷୀ ଓ ଶ୍ରମିକ ସଙ୍ଗଠନ ସମର୍ଥନ କରିଛି। ଗୁରୁବାର ଏଆଇୟୁଟିୟୁସି ଏହି ଆନ୍ଦୋଳନକୁ ସମର୍ଥନ ଜଣାଇ ଖୋର୍ଦ୍ଧା ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ କରିଥିଲା। ଏଥିସହ ଜିଲାପାଳଙ୍କୁ ଏକ ଦାବିପତ୍ର ଦେଇଥିଲା। ଅଶୋକ ସାହୁଙ୍କ ନେତୃତ୍ୱରେ ଅନୁଷ୍ଠିତ ବିକ୍ଷୋଭରେ ଜୟନ୍ତ ମହାନ୍ତି, କାର୍ତ୍ତିକ ଘଡେଇ, ସଂଘମିତ୍ରା ମହାପାତ୍ର ପ୍ରମୁଖ ସାମିଲ ଥିଲେ। ସେହିପରି ଟାଙ୍ଗୀ ବ୍ଲକ କୃଷକ ସଭା ଆନ୍ଦୋଳନକୁ ସମର୍ଥନ ଜଣାଇ ଏକ ଶୋଭାଯାତ୍ରା ଟାଙ୍ଗୀ ବଜାର ପରିକ୍ରମା କରିଥିଲା। ବ୍ଲକ୍ ଛକରେ ଆଞ୍ଚଳିକ କମିଟି ସମ୍ପାଦକ ଗିରୀଶ ଚନ୍ଦ୍ର ମହାରଣାଙ୍କ ଅଧ୍ୟକ୍ଷତାରେ ଏକ ପଥପ୍ରାନ୍ତ ସଭା ହୋଇଥିଲା। ଏଥିରେ କୃଷକ ନେତା ହୃଷିକେଶ ପଲେଇ, ଲକ୍ଷ୍ମଣ ବେହେରା, ସର୍ବେଶ୍ୱର ଶତ୍ରୁଶଲ୍ୟ, ରାଧୁ ରଣସିଂହ, ବ୍ରଜ ଘଡେଇ ଏବଂ ବ୍ରହ୍ମାନନ୍ଦ ମଲ୍ଲିକ ପ୍ରମୁଖ ଉଦ୍‌ବୋଧନ ଦେଇ କେନ୍ଦ୍ର ସରକାରଙ୍କ ଚାଷୀ ମାରଣ ନୀତିର ତୀବ୍ର ବିରୋଧ କରିଥିଲେ।

## ସଂକ୍ଷେପରେ

### ଆଜି ଏତଲା ଦେବ ଶ୍ରୀମନ୍ଦିର ପ୍ରଶାସନ
### ଅନ୍‌ଲାଇନରେ ନିର୍ମାଲ୍ୟ ବିକ୍ରି

ପୁରୀ ଅଫିସ,୩।୧୨: ଆମାଜନ କମ୍ପାନୀ ଅନଲାଇନରେ ନିର୍ମାଲ୍ୟ ବିକ୍ରି କରୁଛି। ଏଥିଲାଗି ଶ୍ରୀମନ୍ଦିର ପ୍ରଶାସନ କିମ୍ବା ସୁଆର ମହାସୁଆର ନିଯୋଗଠାରୁ କୌଣସି ଅନୁମତି ପାଇନାହିଁ। ତେଣୁ ଶୁକ୍ରବାର ଆମାଜନ୍ ବିରୋଧରେ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଏତଲା ଦିଆଯିବ ବୋଲି ଉନ୍ନୟନ ପ୍ରଶାସକ ଅଜୟ୍ କୁମାର ଜେନା କହିଛନ୍ତି। ଅନଲାଇନରେ ନିର୍ମାଲ୍ୟ ବିକ୍ରି ଦ୍ୱାରା ଏହାର ଶୁଦ୍ଧତା ଓ ପବିତ୍ରତା ରହୁନାହିଁ ବୋଲି ବିଭିନ୍ନ ମହଲରେ ଅଭିଯୋଗ ହେଉଛି।

### ହାଇୱା ଧକ୍କାରେ ଶ୍ରମିକ ଗୁରୁତର

ଖୋର୍ଦ୍ଧା ଅଫିସ, ୩।୧୨: ୧୬ନମ୍ବର ଜାତୀୟ ରାଜପଥର ଚଣ୍ଡେଶ୍ୱର ଛକଠାରେ ଗୁରୁବାର ଏକ ମାଲ୍ ବୋଝେଇ ହାଇୱା ଧକ୍କାରେ ଜଣେ ଶ୍ରମିକ ଗୁରୁତର ଆହତ ହୋଇଛନ୍ତି। ସେ ହେଲେ କୋଲକାତା ଚବିଶପ୍ରଗଣାର ବିଶ୍ୱଜିତ୍ ସରକାର (୩୫)। ତାଙ୍କୁ ଗୁରୁତର ଅବସ୍ଥାରେ ଭୁବନେଶ୍ୱର କ୍ୟାପିଟାଲ ହସ୍ପିଟାଲକୁ ସ୍ଥାନାନ୍ତରିତ କରାଯାଇଛି। ସୂଚନା ଅନୁଯାୟୀ, କୋଲକାତାର ୩ଜଣ ଶ୍ରମିକ ଆନ୍ଧ୍ର ଯିବା ପାଇଁ ଚଣ୍ଡେଶ୍ୱର ଛକରେ ଏକ ବସ୍‌ରୁ ଓହ୍ଲାଇ ରାସ୍ତା ଅତିକ୍ରମ କରୁଥିଲେ। ଏହି ସମୟରେ ବିପରୀତ ଦିଗରୁ ଆସୁଥିବା ହାଇୱା ବିଶ୍ୱଜିତଙ୍କୁ ଧକ୍କା ଦେଇ ପଳାଇ ଯାଇଥିଲା। ବିଶ୍ୱଜିତ ରାସ୍ତାକଡ଼କୁ ଛିଟିକି ପଡ଼ି ଗୁରୁତର ଆହତ ହୋଇଥିଲେ। ଖବର ପାଇ ଟାଙ୍ଗୀ ଅଗ୍ନିଶମ ବାହିନୀ ପହଞ୍ଚି ତାଙ୍କୁ ଉଦ୍ଧାର କରି ଖୋର୍ଦ୍ଧା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲା।

### ବାସେଲିସାହି ଥାନା ଅଧିକାରୀଙ୍କ ବଦଳି ଦାବି

ପୁରୀ ଅଫିସ, ୩।୧୨: ପୁରୀ ହାଜତ ମୃତ୍ୟୁ ଘଟଣା ତାତି ଥମିବାର ନାଁ ଧରୁନାହିଁ। ଏହି ଘଟଣାରେ ପୂର୍ବରୁ ଦୁଇ ଜଣ ଥାନା କର୍ମଚାରୀ ନିଲମ୍ବିତ ହୋଇଥିବା ବେଳେ ତତ୍କାଳୀନ ଏସ୍‌ପି ଅଖିଳେଶ୍ୱର ସିଂହଙ୍କୁ ବଦଳି କରାଯାଇଛି। ଏବେ ବାସେଲିସାହି ଥାନା ଅଧିକାରୀଙ୍କୁ ନିଲମ୍ବନ କରିବା ଲାଗି ପୁରୀ ଓକିଲ ସଂଘ ଡିଜିପିଙ୍କୁ ଚିଠି ଲେଖି ଦାବି କରିଛି। ନଚେତ ତଦନ୍ତ ପ୍ରକ୍ରିୟା ପ୍ରଭାବିତ ହେବ ବୋଲି ସଂଘ କହିଛି। ବାସେଲିସାହି ଥାନା ଅଧିକାରୀଙ୍କ ନାମରେ ଏହି ଘଟଣାରେ ଏନ୍‌ଏଚଆର୍‌ସି ଏବଂ ଓଏଚ୍‌ଆର୍‌ସିଙ୍କ ନିକଟରେ ଅଭିଯୋଗ ରହିଛି।

### ୭ ଦାବି ନେଇ ବିଧାନସଭା ଆଗରେ ଗୀତାପାଠ କରିବ ବ୍ରାହ୍ମଣ ସମାଜ

ପୁରୀ ଅଫିସ,୩।୧୨: ଓଡିଶା ବ୍ରାହ୍ମଣ ସମାଜ ୭ ଦଫା ଦାବି ନେଇ ବିଧାନସଭା ଆଗରେ ଗୀତାପାଠ କରିବ। ଏଥିସହ ମୁଖ୍ୟମନ୍ତ୍ରୀ, ରାଜ୍ୟପାଳ ଓ ରାଷ୍ଟ୍ରପତିଙ୍କୁ ଦାବିପତ୍ର ଦିଆଯିବ। ବ୍ରାହ୍ମଣ ସମାଜ ପକ୍ଷରୁ ଗୁରୁବାର ଅନୁଷ୍ଠିତ ବୈଠକରେ ଏହି ନିଷ୍ପତ୍ତି ହୋଇଛି। ରାଜ୍ୟର ସମସ୍ତ ଦେବାଳୟକୁ ଶୀଘ୍ର ଖୋଲାଯିବା, ଧାର୍ମିକ ସମାବେଶ ଉପରୁ ପ୍ରତିବନ୍ଧକ ଉଠାଇବା, ସମସ୍ତ ବ୍ରାହ୍ମଣ ପରିବାରକୁ ରାଶନ କାର୍ଡ ଦେବା, ଆବାସ ଯୋଜନାରେ ସମସ୍ତ ବ୍ରାହ୍ମଣଙ୍କୁ ସାମିଲ୍ କରିବା, ସରକାରୀ ମାନ୍ୟତା, ସଂସ୍କୃତି ରକ୍ଷା ଭତ୍ତା ପ୍ରଦାନ, ସ୍ୱାସ୍ଥ୍ୟ ବୀମା, ବ୍ରାହ୍ମଣ କଲ୍ୟାଣ ନିଗମ ଗଠନ ନେଇ ମୁଖ୍ୟମନ୍ତ୍ରୀଙ୍କ ଘୋଷଣାକୁ କାର୍ଯ୍ୟକାରୀ କରିବାକୁ ବ୍ରାହ୍ମଣ ସମାଜ ଦାବି କରିଛି।

### ଇଡ୍‌କୋକୁ ଜମି ହସ୍ତାନ୍ତର ପ୍ରକ୍ରିୟା ଆରମ୍ଭ

ଖୋର୍ଦ୍ଧା ଅଫିସ, ୩।୧୨: ଖୋର୍ଦ୍ଧା ସାରୁଅଠାରେ ଶିଳ୍ପାଞ୍ଚଳ ଲାଗି ଇଡ୍‌କୋକୁ ଜିଲା ପ୍ରଶାସନ ପକ୍ଷରୁ ୯୭ ଏକର ଜମି ଦିଆଯାଇଛି। ଜୟମଙ୍ଗଳ ମୌଜାରେ କେତେକ ଅଞ୍ଚଳର ଜମି ଅଧିଗ୍ରହଣକୁ ନେଇ ସ୍ଥାନୀୟ ଗ୍ରାମବାସୀ ଅଭିଯୋଗ କରିଥିଲେ। ଗୁରୁବାର ଜିଲା ପ୍ରଶାସନ ପକ୍ଷରୁ ଜମି ହସ୍ତାନ୍ତର ପ୍ରକ୍ରିୟା ଆରମ୍ଭ ହୋଇଛି। ଅତିରିକ୍ତ ଜିଲାପାଳ (ରାଜସ୍ୱ) ଅନୁଜ ଦାସପଟ୍ଟନାୟକ, ଖୋର୍ଦ୍ଧା ଉପଜିଲାପାଳ ଅଶୋକ ବେହୁରିଆ, ଖୋର୍ଦ୍ଧା ତହସିଲଦାର ପଦ୍ମଚରଣ ସାହୁ, ଏସ୍‌ଡିପିଓ ସୁଶିଲ କୁମାର ମିଶ୍ର, ଟାଉନ ଥାନା ଅଧିକାରୀ ଉମାଶଙ୍କର ସିଂ ପ୍ରମୁଖ ଉପସ୍ଥିତ ଥିଲେ। ପ୍ରଶାସନ ପକ୍ଷରୁ ଗ୍ରାମବାସୀଙ୍କ ସହ ଆଲୋଚନା କରାଯାଇଥିଲା। ଜୟମଙ୍ଗଳ ଗ୍ରାମକୁ ୩୦ ଫୁଟର ରାସ୍ତା, ମଶାଣି ପାଚେରୀ ଏବଂ ଖେଳପଡିଆ ଲାଗି ଜମି ଛଡ଼ାଯିବ ବୋଲି ତହସିଲଦାର କହିଛନ୍ତି।

## ନ୍ୟାୟ ଦାବିରେ ଗ୍ରାମବାସୀଙ୍କ ରାସ୍ତାରୋକୋ

**ଛାତ୍ରଙ୍କ ଝୁଲନ୍ତା ମୃତଦେହ ଜବତ ଘଟଣା**

**ବାଲୁଗାଁ,୩।୧୨(ଡି.ଏନ୍.ଏ.)**

ବାଲୁଗାଁ ଥାନା ଅଧୀନ ରଘୁନାଥପୁର ଗ୍ରାମର ଶ୍ମଶାନ ନିକଟରୁ ଗତ ୨୧ତାରିଖରେ ପୋଲିସ ନବମ ଶ୍ରେଣୀ ଛାତ୍ର ପିନୁ ପ୍ରଧାନଙ୍କ ଝୁଲନ୍ତା ମୃତଦେହ ଜବତ କରିଥିଲା। ଏନେଇ ପିନୁଙ୍କ ମା’ ଜାନକୀ ପ୍ରଧାନଙ୍କ ଅଭିଯୋଗକ୍ରମେ ପୋଲିସ ଦଫା ୩୦୨ରେ ହତ୍ୟା ମାମଲା (ନଂ.୧୯୯/୨୦) ରୁଜୁକରି ତଦନ୍ତ ଚଳାଇଥିଲା। ଏହି ଘଟଣାକୁ ୧୨ଦିନ ବିତିଯାଇଥିଲେ ମଧ୍ୟ ପୋଲିସ ଅଭିଯୁକ୍ତଙ୍କୁ ଧରିବାରେ ବିଫଳ ହୋଇଛି। ପିନୁଙ୍କୁ ନ୍ୟାୟ ଦାବିରେ ଗୁରୁବାର ରଘୁନାଥପୁର ଗ୍ରାମର ଶତାଧିକ ଲୋକ ଥାନା ଘେରାଉ କରିବା ସହ ୩ଘଣ୍ଟା ପୁରୁଣା ୫ନଂ. ଜାତୀୟ ରାଜପଥ ଅବରୋଧ କରିଥିଲେ। ଫଳରେ ଉଭୟ ପାର୍ଶ୍ୱରୁ ଆସୁଥିବା ସମସ୍ତ ଯାନବାହନ ଅଟକି ରହିଥିଲା। ଖବରପାଇ ବାଲୁଗାଁ ଏସ୍‌ଡିପିଓ ସୁରେଶ କୁମାର ଦାଶ ସଦଳବଳ ଘଟଣାସ୍ଥଳରେ ପହଞ୍ଚି ଗ୍ରାମବାସୀଙ୍କୁ ବୁଝାଶୁଝା କରିଥିଲେ। ଶନିବାର ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର କାରଣ ସ୍ପଷ୍ଟ ହେବା ସହ ପରବର୍ତ୍ତୀ ପଦକ୍ଷେପ ଗ୍ରହଣ କରାଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା। ପରେ ଯାନବାହନ ଚଳାଚଳ ସ୍ୱାଭାବିକ ହୋଇଥିଲା। ସୂଚନାଥାଉ କି, ଗତ ୨୧ତାରିଖ ଅପରାହ୍ନ ୩ଟାରେ ଝାଡ଼ା ଯିବା ପାଇଁ ପିନୁ ବାହାରକୁ ଯାଇଥିଲେ। ସନ୍ଧ୍ୟା ପର୍ଯ୍ୟନ୍ତ ଘରକୁ ନ ଫେରିବାରୁ ପରିବାରଲୋକେ ତାଙ୍କୁ ଖୋଜାଖୋଜି କରିଥିଲେ। ରାତି ୮ଟାରେ ଗାଁ ଶ୍ମଶାନ ନିକଟ ଏକ ଗଛରେ ତାଙ୍କ ମୃତଦେହ ଝୁଲୁଥିବା ପରିବାର ଲୋକ ଦେଖିବାକୁ ପାଇଥିଲେ। ସେ ପିନ୍ଧିଥିବା ପ୍ୟାଣ୍ଟ, ଶାର୍ଟ ଅନ୍ୟତ୍ର ପଡ଼ିଥିଲା। ବାଲୁଗାଁ ପୋଲିସ ସାଇଣ୍ଟିଫିକ୍ ଟିମ ସହ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲା।

## ଷ୍ଟାର୍ କପ୍ କ୍ରିକେଟ : ସେମିରେ ମଞ୍ଚେଶ୍ୱର କ୍ଲବ

**ଉତ୍ତମ ମହାନ୍ତି ମ୍ୟାନ୍ ଅଫ୍ ଦି ମ୍ୟାଚ**

**ଖୋର୍ଦ୍ଧା ଅଫିସ, ୩।୧୨**

ଖୋର୍ଦ୍ଧା ଉପକଣ୍ଠ କୁମାରବସ୍ତ ପଡ଼ିଆରେ ଚାଲିଥିବା ଷ୍ଟାର୍ କପ୍ କ୍ରିକେଟ ଟୁର୍ନାମେଣ୍ଟର ପ୍ରଥମ ସେମି ଫାଇନାଲ ମ୍ୟାଚ ଗୁରୁବାର ଅନୁଷ୍ଠିତ ହୋଇଥିଲା। ଏଥିରେ କାଇପଦର ସତ୍ୟପୀର୍ ସ୍ପୋର୍ଟିଂ କ୍ଲବକୁ ୫ଉଇକେଟରେ ହରାଇ ଭୁବନେଶ୍ୱର ମଞ୍ଚେଶ୍ୱର କ୍ଲବ ସେମି ଫାଇନାଲରେ ପ୍ରବେଶ କରିଛି। ଟସ୍ ଜିଣି କାଇପଦର ଟିମ୍ ପ୍ରଥମେ ବ୍ୟାଟିଂ ନିଷ୍ପତ୍ତି ନେଇଥିଲା। ନିର୍ଦ୍ଧାରିତ ୨୦ ଓଭରରେ ୭ ଉଇକେଟ୍ ହରାଇ ୧୩୦ରନ ସଂଗ୍ରହ କରିଥିଲା। ଦଳ ପକ୍ଷରୁ କୁଳଦୀପ ପାଇକରାୟ ୨୭, ଭାଗିରଥି ବେହେରା ୨୮ରନ କରିଥିଲେ। ମଞ୍ଚେଶ୍ୱର ଟିମ୍ ପକ୍ଷରୁ କାହ୍ନା ମହାନ୍ତି ୪ ଓଭରରେ ୨୯ ରନ୍ ଦେଇ ୨ ଉଇକେଟ ନେଇଥିଲେ। ଜବାବରେ ମଞ୍ଚେଶ୍ୱର ଟିମ୍ ୧୫ ଓଭରରେ ୫ ଉଇକେଟ ହରାଇ ୧୩୧ ରନ ସଂଗ୍ରହ କରି ବିଜୟୀ ହୋଇଥିଲା। ଦଳ ପକ୍ଷରୁ ଉତ୍ତମ ମହାନ୍ତି ୬୪ ଏବଂ ଦୁଷ୍ମନ୍ତ ସାମନ୍ତରାୟ ୨୨ରନ କରିଥିଲେ। କାଇପଦର ଦଳ ପକ୍ଷରୁ ପ୍ରଶାନ୍ତ ମାର୍ଥା ୪ ଓଭରରେ ୨୨ରନ ଦେଇ ୨ ଉଇକେଟ ନେଇଥିଲେ। ଉତ୍ତମ ମହାନ୍ତିଙ୍କୁ ମ୍ୟାନ ଅଫ ଦି ମ୍ୟାଚ ଘୋଷଣା କରାଯାଇଥିଲା। ଅଶୋକ ବରାଳ ଓ ଦୁର୍ଯ୍ୟୋଧନ ପରିଡ଼ା ମ୍ୟାଚ ପରିଚାଳନା କରିଥିଲେ। ଅଭିଷେକ ପାଟ୍ଟଶାଣୀ ସ୍କୋରର ଦାୟିତ୍ୱ ତୁଲାଇଥିଲେ। ଶୁକ୍ରବାର ଦ୍ୱିତୀୟ ସେମି ଫାଇନାଲ ମ୍ୟାଚ କୁମାରବସ୍ତର ରାଇଜିଂ ଷ୍ଟାର ଓ ଖୋର୍ଦ୍ଧାର କଳିଙ୍ଗ କ୍ଲବ ମଧ୍ୟରେ ଅନୁଷ୍ଠିତ ହେବ।

## ଔଷଧ ଦୋକାନରେ ଚଢ଼ାଉ

**ପୁରୀ ଅଫିସ/ସାକ୍ଷୀଗୋପାଳ (ଡି.ଏନ୍.ଏ), ୩।୧୨:**

ସତ୍ୟବାଦୀ ଥାନା ଅଧୀନ ଅଳାସରଙ୍ଗଠାରେ ବିନା ଲାଇସେନ୍ସରେ ଚାଲିଥିବା ଏକ ଔଷଧ ଦୋକାନରେ ଗୁରୁବାର ଡ୍ରଗ୍ସ ଇନ୍ସପେକ୍ଟର ସତ୍ୟବ୍ରତ ଗିରି ଚଢ଼ାଉ କରିଛନ୍ତି। ଦୋକାନରୁ ୧୩,୧୪୩ ଟଙ୍କାର ଔଷଧ ଜବତ କରାଯାଇଛି। ଦୋକାନ ମାଲିକଙ୍କ ନାମରେ ପୁରୀ କୋର୍ଟରେ ମାମଲା କରାଯିବ ବୋଲି ଡ୍ରଗ୍ସ ଇନ୍ସପେକ୍ଟର ଗିରି କହିଛନ୍ତି।

## ବିଶ୍ୱ ଭିନ୍ନକ୍ଷମ ଦିବସ

**ଜଟଣୀ,୩।୧୨(ଡି.ଏନ୍.ଏ.)**

ଭିନ୍ନକ୍ଷମ ରେଲୱେ କର୍ମଚାରୀ ସଙ୍ଗଠନ ଖୋର୍ଦ୍ଧାରୋଡ ଡିଭିଜନ ଶାଖା ପକ୍ଷରୁ ଗୁରୁବାର ବିଶ୍ୱ ଭିନ୍ନକ୍ଷମ ଦିବସ ପାଳିତ ହୋଇଯାଇଛି। ସଙ୍ଗଠନ ଉପସଭାନେତ୍ରୀ ଶାନ୍ତିଦା ମିଶ୍ର ପୌରୋହିତ୍ୟ କରିଥିଲେ। ଖୋର୍ଦ୍ଧାରୋଡ ରେଳ ଡିଭିଜନର କାର୍ମିକ ଅଧିକାରୀ ଆର୍.ଟିଗା ଏବଂ ସହକାରୀ ବାଣିଜ୍ୟ ଅଧିକାରୀ ଜ୍ଞାନରଞ୍ଜନ ନାୟକ ଅତିଥି ଭାବେ ଯୋଗଦେଇଥିଲେ। ସଙ୍ଗଠନର ଜୋନାଲ ସଭାପତି ପଙ୍କଜ ଲୋଚନ ବେହେରା, ସାଧାରଣ ସମ୍ପାଦକ କେ.କ୍ଷେତ୍ରବାସୀ, ଡିଭିଜନସ୍ତରର ସମ୍ପାଦକ ଅମରେନ୍ଦ୍ର ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ। ଭିନ୍ନକ୍ଷମଙ୍କ ସୁବିଧାକୁ ଦୃଷ୍ଟିରେ ରଖି ଜଟଣୀସ୍ଥିତ ଖୋର୍ଦ୍ଧାରୋଡ ରେଳଡିଭିଜନ ମୁଖ୍ୟ ଦପ୍ତରରେ ଲିଫ୍ଟ ବ୍ୟବସ୍ଥା ସମେତ ଅନ୍ୟ ସମସ୍ୟା ଉପରେ ସଙ୍ଗଠନର କର୍ମକର୍ତ୍ତାମାନେ ଦୃଷ୍ଟି ଆକର୍ଷଣ କରିଥିଲେ।

## ଅନ୍ତର୍ଜାତୀୟ ଭିନ୍ନକ୍ଷମ ଦିବସ ପାଳିତ




କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିମାନେ।

**ନିମାପଡ଼ା,୩।୧୨(ଡି.ଏନ୍.ଏ.)**

ନିମାପଡ଼ା ପିଙ୍ଗଳାକ୍ଷୀ ପବ୍ଲିକ ୱେଲଫେୟାର ଅର୍ଗାନାଇଜେଶନ (ପିପିଡବ୍ଲ୍ୟୁଓ) ପକ୍ଷରୁ ଗୁରୁବାର ଅନ୍ତର୍ଜାତୀୟ ଭିନ୍ନକ୍ଷମ ଦିବସ ପିଙ୍ଗଳାକ୍ଷୀ ସେବା ସଦନରେ ପାଳିତ ହୋଇଯାଇଛି। ଅତିଥି ଭାବେ ବାଣିଶ୍ରୀ ମହାବିଦ୍ୟାଳୟ ଅଧ୍ୟକ୍ଷା ଡ. ଜ୍ୟୋସ୍ନାରାଣୀ ବସ୍ତିଆ, ପିପିଡବ୍ଲ୍ୟୁଓ ପ୍ରଶାସନିକ ଅଧିକାରୀ ପଦ୍ମଲୋଚନ ମହାନ୍ତି, ସ୍ୱତନ୍ତ୍ର ବିଏଡ୍ କଲେଜ ଅଧ୍ୟକ୍ଷ ଜମିରୁଲ ଇସଲାମ, ରତ୍ନାକର ଦାଶ ଦୃଷ୍ଟିହୀନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଅଧ୍ୟକ୍ଷ ଲକ୍ଷ୍ମୀଧର ତ୍ରିପାଠୀ ପ୍ରମୁଖ ଯୋଗଦେଇ ଭିନ୍ନକ୍ଷମଙ୍କୁ ସମାଜର ମୁଖ୍ୟସ୍ରୋତରେ ସାମିଲ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ। କାର୍ଯ୍ୟକ୍ରମରେ ପିପିଡବ୍ଲ୍ୟୁଓ ସଭାପତି ଗଗନ ବିହାରୀ ଦାଶ ଅଧ୍ୟକ୍ଷତା କରିବା ସହ ଅତିଥିଙ୍କ ପରିଚୟ ପ୍ରଦାନ କରିଥିଲେ। ଅନୁଷ୍ଠାନର ଛାତ୍ରୀଛାତ୍ରମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।

## କଳାକାରଙ୍କ ତାଲିକା ସଂଗ୍ରହ କରାଯିବ

**ଖୋର୍ଦ୍ଧା ଅଫିସ, ୩।୧୨**

ଖୋର୍ଦ୍ଧା ନଗର କଳାକାର ସଂଘର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ କଳାକାରମାନଙ୍କ ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରାଯାଇଥିଲା। ଖୋର୍ଦ୍ଧା ସହରର ଲୁକ୍କାୟିତ କଳାକାରଙ୍କ ତାଲିକା ସଂଗ୍ରହ ଲାଗି ନିଷ୍ପତ୍ତି ନିଆଯାଇଛି। ବୈଠକରେ ଦୟାନିଧି ରାଉତରାୟ ସଭାପତିତ୍ୱ କରିଥିଲେ। ମହାସଂଘ ସଭାପତି ଧ୍ରୁବଚରଣ ମହାପାତ୍ର, ଉପଦେଷ୍ଟା ଅବିନାଶ ସୁବୁଦ୍ଧି, ଖୋର୍ଦ୍ଧା ନଗର କଳାକାର ସଂଘ ସଭାପତି ମାନସ ପରିଡ଼ା, ଉପସଭାପତି ତନ୍ମୟ ଦାସ, ସମ୍ପାଦକ ଅଟଳ ଧର୍ମରାଜ, ସହସମ୍ପାଦକ ଜ୍ୟୋତି ଶଙ୍କର ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ।

## ଆନ୍ଦୋଳନକାରୀଙ୍କୁ ଭେଟିଲେ ରାଜ୍ୟ ଯୋଜନା ବୋର୍ଡ ଉପାଧ୍ୟକ୍ଷ



**ବ୍ରହ୍ମଗିରି,୩।୧୨(ଡି.ଏନ୍.ଏ.)**

ବ୍ରହ୍ମଗିରି ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ପୁରୀ ଜିଲା ଫାଇଲିନ ପ୍ରପୀଡ଼ିତ କ୍ରିୟାନୁଷ୍ଠାନ କମିଟି ଓ ଫନୀ କ୍ଷତିଗ୍ରସ୍ତ ସଂଗ୍ରାମ ସମିତି ପକ୍ଷରୁ ଦିଆଯାଇଥିବା ଗଣଧାରଣା ଗୁରୁବାର ଦ୍ୱିତୀୟ ଦିନରେ ପହଞ୍ଚିଛି। ରାଜ୍ୟ ଯୋଜନା ବୋର୍ଡ ଉପାଧ୍ୟକ୍ଷ ସଞ୍ଜୟ ଦାସବର୍ମା ଧାରଣାସ୍ଥଳରେ ପହଞ୍ଚି ଧାରଣାକାରୀଙ୍କ ସହ ଆଲୋଚନା କରିଥିଲେ। ଫାଇଲିନ୍ ବାତ୍ୟାକୁ ୭ବର୍ଷ ଏବଂ ଫନୀ ବାତ୍ୟାକୁ ଦେଢ଼ ବର୍ଷ ବିତିଯାଇଥିଲେ ମଧ୍ୟ ବ୍ରହ୍ମଗିରି ଓ କୃଷ୍ଣପ୍ରସାଦ ବ୍ଲକର ପ୍ରପୀଡ଼ିତମାନେ ଅଦ୍ୟାବଧି ଗୃହ ନିର୍ମାଣ ସହାୟତା ପାଇପାରି ନାହାନ୍ତି। ପ୍ରଶାସନ ପାଖରେ ବାରମ୍ବାର ଅଭିଯୋଗ ସତ୍ତ୍ୱେ ସୁଫଳ ମିଳିଲା ନାହିଁ। ବୁଧବାର ୭ଦଫା ଦାବିରେ କ୍ଷତିଗ୍ରସ୍ତଙ୍କୁ ତୁରନ୍ତ ସହାୟତା ପ୍ରଦାନ, ତଦନ୍ତରେ ତ୍ରୁଟି ଓ ଅନିୟମିତତା କରିଥିବା ପ୍ରଶାସନିକ ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ, ଭୂମିହୀନଙ୍କୁ ସେମାନଙ୍କ ବାସଗୃହ ନିର୍ମାଣ କରୁଥିବା ସ୍ଥାନରେ ଗୃହନିର୍ମାଣ ପାଇଁ ସମ୍ପୂର୍ଣ୍ଣ ସହାୟତା ରାଶି ପ୍ରଦାନ, ଫନୀ କ୍ଷତିଗ୍ରସ୍ତଙ୍କୁ ବିଭିନ୍ନ ଯୋଜନାରେ ଗୃହ ଯୋଗାଇଦେବାକୁ ଦାବିରେ ଧାରଣା ଦିଆଯାଇଛି। ଏହି ଧାରଣାରେ ଭୀମସେନ ସ୍ୱାଇଁ, ସୁରେନ୍ଦ୍ର ନାଥ ଜେନା, ଜମ୍ବେଶ୍ୱର ସ୍ୱାଇଁ, ତପନ ଉପାଧ୍ୟାୟ, ବିଦ୍ୟାଧର ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ।

## ମଠ ଅସ୍ତିତ୍ୱ ରକ୍ଷା ପାଇଁ ମିଳିତ ପ୍ରୟାସ ଲୋଡ଼ା

**ପୁରୀରେ ରହିଛି ୩୭୪ ମଠ, ଆଶ୍ରମ**

**ପୁରୀ ଅଫିସ, ୩।୧୨**

ପୁରୀର ପ୍ରାଚୀନ ମଠ ଶ୍ରୀଶଙ୍କରାନନ୍ଦ ମଠ ଦୀର୍ଘବର୍ଷ ଧରି ଅବହେଳିତ ଅବସ୍ଥାରେ ରହିଛି। ଏହି ମଠର ଅସ୍ତିତ୍ୱ ଓ ଆଦର୍ଶ ରକ୍ଷା ପାଇଁ ମିଳିମିଶି ପ୍ରୟାସ କରାଯିବା ଆବଶ୍ୟକ ବୋଲି ଗୋବର୍ଦ୍ଧନ ପୀଠର ଶଙ୍କରାଚାର୍ଯ୍ୟ ସ୍ୱାମୀ ନିଶ୍ଚଳାନନ୍ଦ ସରସ୍ୱତୀ କହିଛନ୍ତି। ଶ୍ରୀଶଙ୍କରାନନ୍ଦ ମଠ ଏଣ୍ଡାଓମେଣ୍ଟ ଟ୍ରଷ୍ଟ ବୋର୍ଡ ଏବଂ ଐତିହ୍ୟ ସଂରକ୍ଷଣ ପରିଷଦ ପକ୍ଷରୁ ଗୁରୁବାର ମଠ ପରିସରରେ ଆୟୋଜିତ ଐତିହ୍ୟ ଆଲୋଚନାଚକ୍ରକୁ ଉଦ୍‌ଘାଟନ କରି ଜଗଦ୍‌ଗୁରୁ କହିଲେ, ଏହି ପ୍ରାଚୀନ ମଠର ପୁନରୁଦ୍ଧାର ପାଇଁ ଏକ ସମିତି ଗଠନ ହେଉ। ନିର୍ଦ୍ଦିଷ୍ଟ ଆଭିମୁଖ୍ୟ ନେଇ ଆମେ ସରକାରଙ୍କ ପାଖରେ ପହଞ୍ଚିଲେ ଧ୍ୱଂସାଭିମୁଖେ ରହିଥିବା ଏହି ମଠର ପୁନରୁଦ୍ଧାର ହୋଇପାରିବ। ଶ୍ରୀଶଙ୍କରାନନ୍ଦ ମଠର ଐତିହ୍ୟ ସମ୍ପର୍କିତ ଏହି ଆଲୋଚନାଚକ୍ରରେ ଐତିହ୍ୟ ବିଶାରଦ ଡ. ସୁରେନ୍ଦ୍ର କୁମାର ମିଶ୍ର ଭିତ୍ତିପ୍ରବନ୍ଧ ଉପସ୍ଥାପନ କରିଥିଲେ। ଡ. ମିଶ୍ର କହିଥିଲେ ଯେ, ପ୍ରାଚୀନ କାଳରେ ପୁରୀରେ ୭୫୨ଟି ମଠ ଓ ଆଶ୍ରମ ଥିଲା। ବର୍ତ୍ତମାନ ଅନୁସନ୍ଧାନ ଫଳରେ ୩୭୪ଟି ମଠ ଓ



ଆଲୋଚନାଚକ୍ରରେ ଶଙ୍କରାଚାର୍ଯ୍ୟ ଏବଂ ଅନ୍ୟ ଅତିଥିମାନେ।

ଆଶ୍ରମ ରହିଛି। ଏହି ମଠଗୁଡ଼ିକ ମଧ୍ୟରେ ଶୈବ ସମ୍ପ୍ରଦାୟର ୫ଟି ମଠ ସର୍ବପୁରାତନ। ତାହା ମଧ୍ୟରେ ଶ୍ରୀଶଙ୍କରାନନ୍ଦ ମଠକୁ ପ୍ରଥମେ ଶ୍ରୀଜଗନ୍ନାଥ ମନ୍ଦିର ପରିଚାଳନା କରିବାର ଦାୟିତ୍ୱ ଦିଆଯାଇଥିଲା। ଏହି ମଠର ସ୍ୱାମିଜୀ ମନ୍ଦିରର ପରିଚ୍ଛା ସେବା କରୁଥିଲେ। ଶ୍ରୀମନ୍ଦିର ନିର୍ମାଣର ୧୦୦ ବର୍ଷ ପୂର୍ବରୁ ଏକାମ୍ର କ୍ଷେତ୍ରରେ ନିର୍ମିତ ଶ୍ରୀଲିଙ୍ଗରାଜ ମନ୍ଦିରର ପରିଚାଳନା କାର୍ଯ୍ୟ ଏହି ମଠର ସ୍ୱାମିଜୀ କରୁଥିଲେ। ଲିଙ୍ଗରାଜ ମନ୍ଦିର ନିକଟରେ ଏହାର ଏକ ଶାଖା ମଠ ରହିଛି। ତାହା ପୂର୍ବରୁ ଢେଙ୍କାନାଳ କପିଳାସରେ ବିଜେ କରିଥିବା ଶ୍ରୀଚନ୍ଦ୍ରଶେଖରଙ୍କ ଉପାସନାର ଦାୟିତ୍ୱ ସେ ବୁଝୁଥିଲେ। ପୁରୀ ଶ୍ରୀଲୋକନାଥ ମନ୍ଦିରର ଦାୟିତ୍ୱ ବୁଝିବା ସହିତ ସମସ୍ତ ଯାନିଯାତ୍ରାରେ ସହଯୋଗ କରୁଥିଲେ। ଏବେ ବି ଶ୍ରୀଲୋକନାଥଙ୍କ ବିଜେ ପ୍ରତିମା ଏହି ମଠକୁ ଆସୁଛନ୍ତି। କୋଣାର୍କ ମନ୍ଦିରର ନିର୍ମାଣ ଇତିହାସ ଲେଖାଯାଇଥିବା ଚକଡ଼ ପୋଥିରେ ଉଲ୍ଲେଖ ଅଛି ଯେ, ଲାଙ୍ଗୁଳା ନରସିଂହ ଦେବଙ୍କ ନିମନ୍ତ୍ରଣକ୍ରମେ ଶଙ୍କରାନନ୍ଦ ସ୍ୱାମୀ ଶ୍ରୀନରସିଂହ ସରସ୍ୱତୀ ମନ୍ଦିର ନିର୍ମାଣ କାର୍ଯ୍ୟ ଦେଖିବା ପାଇଁ କୋଣାର୍କରେ ପହଞ୍ଚିଥିଲେ। ସେଠାରେ ସ୍ୱାମିଜୀଙ୍କ ପାଦପୂଜା ଶିବେଇ ସାମନ୍ତରା କରିଥିଲେ। ତାଙ୍କୁ ଦାନ ମିଳିଥିବା ସୁନାମାଢ ସେ ଶିବେଇ ସାମନ୍ତରାଙ୍କୁ ଦେଇ ଆଦିଶଙ୍କରାଚାର୍ଯ୍ୟଙ୍କ ସିଦ୍ଧ ଯୋଗମୁଦ୍ରାର ଏକ ମୂର୍ତ୍ତି ନିର୍ମାଣ କରିବାକୁ ଅନୁରୋଧ କରିଥିଲେ। ସେତେବେଳେ ଗଙ୍ଗବଂଶର ଶାସନ ସମୟରେ ଗଜପତିମାନେ ଶଙ୍କରାନନ୍ଦ ମଠର ସ୍ୱାମୀଙ୍କୁ ଗୁରୁତ୍ୱ ଦେଉଥିଲେ। ସରକାର ଚାହିଁଲେ ଏଭଳି ଏକ ପ୍ରାଚୀନ ଐତିହ୍ୟପୂର୍ଣ୍ଣ ମଠର ପୁନରୁଦ୍ଧାର କରିପାରିବେ ବୋଲି ଡ. ମିଶ୍ର ମତ ରଖିଥିଲେ। ଐତିହ୍ୟ ପରିଷଦ ସମ୍ପାଦକ ଦେବୀପ୍ରସନ୍ନ ନନ୍ଦ, ସଭ୍ୟ ସିଦ୍ଧାର୍ଥ ଆଚାର୍ଯ୍ୟ ବକ୍ତବ୍ୟ ରଖିଥିବାବେଳେ ମଠ ସମିତି ପକ୍ଷରୁ ଦୁର୍ଗାପ୍ରସାଦ ମିଶ୍ର ସ୍ୱାଗତ ଭାଷଣ ଦେଇଥିଲେ। ଆଲୋଚ୍ୟ ପ୍ରସଙ୍ଗରେ ଶ୍ରୀଜଗନ୍ନାଥ ମିଶ୍ର, ଦୁର୍ଗାପ୍ରସାଦ ମହାପାତ୍ର, ପ୍ରଫେସର ଦିବାକର ମହାପାତ୍ର ପ୍ରମୁଖ ଭାଗ ନେଇଥିଲେ। ବିଦେଶୀ ଭାଷାରେ ପ୍ରକାଶିତ ଜଗନ୍ନାଥ ସଂସ୍କୃତିରେ ଶବ୍ଦକୋଷ ଓ ଭାଷାକୋଷ ସଂଶୋଧନ ନିମନ୍ତେ ପଣ୍ଡିତ ଦୁର୍ଗାପ୍ରସାଦ ମହାପାତ୍ର ଏବଂ ପଣ୍ଡିତ ସୂର୍ଯ୍ୟ ନାରାୟଣ ରଥଙ୍କ ଦ୍ୱାରା ଲିଖିତ ପୁସ୍ତକକୁ ଶଙ୍କରାଚାର୍ଯ୍ୟ ଉନ୍ମୋଚନ କରିଥିଲେ।

